ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୩୧ ମେ, ୨୦୨୩



## ସଂକ୍ଷେପରେ

### ଆଜି ଗାନ୍ଧୀ ସ୍ମାରକୀ ବିଶାଳ ପଦଯାତ୍ରା

ବରୀ,୩୦।୫(ଡି.ଏନ.ଏ.): ଜାତିର ପିତା ମହାତ୍ମା ଗାନ୍ଧୀ ୧୯୩୪ ମେ'୩୧ରେ ବରୀ ଅଞ୍ଚଳକୁ ଆସିଥିଲେ। ଏହି ସ୍ମୃତିକୁ ମନେ ପକାଇ ବୁଧବାର ପଦଯାତ୍ରା ଅନୁଷ୍ଠିତ ହେବ। ଏନେଇ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କାଇପଡ଼ା ଗୋଲାହାଟଠାରୁ ଶୁଣ୍ଡି ତୋଟା ପର୍ଯ୍ୟନ୍ତ ଏକ ବିରାଟ ପଦଯାତ୍ରାର ଆୟୋଜନ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଛି। ଉକ୍ତ ପଦଯାତ୍ରାରେ ବରୀ ଅଞ୍ଚଳର ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ସଂଗଠନ, କ୍ରିୟାନୁଷ୍ଠାନର କର୍ମକର୍ତ୍ତା, ଅବସରପ୍ରାପ୍ତ ସେନା କର୍ମଚାରୀ, ବିଭିନ୍ନ ସାହିତ୍ୟିକ, ସାମାଜିକ ଅନୁଷ୍ଠାନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସକାଳ ୭ ଘଟିକାରୁ ଏହି ପଦଯାତ୍ରା ଆରମ୍ଭ ହେବ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି। ବରୀର ଐତିହ୍ୟ, ପୂଜ୍ୟପୁଜା ପରମ୍ପରାକୁ ବିଧାୟିକା ସୁନନ୍ଦା ଦାସ କ୍ରିୟାଶୀଳ କରି ଚର୍ଚ୍ଚାକୁ ଆସିଥିବାବେଳେ କ୍ରିୟାନୁଷ୍ଠାନ କମିଟି ମାଧମରେ ଗାନ୍ଧୀଙ୍କ ପଦଯାତ୍ରାକୁ ମନେ ପକାଇ ଏଭଳି କାର୍ଯ୍ୟକ୍ରମ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

### ବିଦ୍ୟୁତ୍ ବିଭ୍ରାଟ ନେଇ ଆନ୍ଦୋଳନ ଚେତାବନୀ

ଧର୍ମଶାଳା,୩୦।୫(ଡି.ଏନ.ଏ.): ଧର୍ମଶାଳା ବିଦ୍ୟୁତ୍ ସବ୍‌ଡିଭିଜନ ଓ ଜାରକା ସେକ୍‌ସନ ଅଧୀନରେ ବିଦ୍ୟୁତ୍ ଯୋଗାଣରେ ବିଭ୍ରାଟ ନେଇ ଧର୍ମଶାଳା ବୁଦ୍ଧିଜୀବୀ ସଂଘ ପକ୍ଷରୁ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ରାଜ୍ୟ ସରକାର ବିଦ୍ୟୁତ୍ ବିତରଣ ନିମନ୍ତେ ଟାଟା ପାୱାର କମ୍ପାନୀକୁ ଦାୟିତ୍ୱ ଦେଇଛନ୍ତି। ନିୟମିତ ବିଦ୍ୟୁତ୍ ଗ୍ରାହକ ସେମାନଙ୍କ ବିଦ୍ୟୁତ୍ ବିଲ୍‌ର ଦେୟ ପଇଠ କରୁଛନ୍ତି। ମାତ୍ର ଦିନରେ ୨୦ରୁ ଉର୍ଦ୍ଧ୍ୱଥର ବିଦ୍ୟୁତ୍ ଲାଇନ୍ କଟିବା ଫଳରେ ଗ୍ରାହକ ଅତିଷ୍ଠ ହୋଇ ପଡ଼ିଲେଣି। କିଛି ଦିନ ହେଲା ଧର୍ମଶାଳା ଅଞ୍ଚଳରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଂଗକୁ ଅସହ୍ୟ ଗୁଳୁଗୁଳି ଜାରିରହିଛି। ସାମାନ୍ୟ ପବନବର୍ଷା ଏବଂ ବିଜୁଳି ମାରିଲେ ବିଦ୍ୟୁତ୍ ଲାଇନ୍ କାଟି ଦିଆଯାଉଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୟସ୍କ, ରୋଗୀ ଓ ଛୋଟଛୋଟ ପିଲାମାନେ ଡହଳବିକଳ ହେଉଛନ୍ତି। ଏସମ୍ପର୍କରେ ଜାରକାଠାରେ ଥିବା ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ ଅଧିକାରୀମାନେ ଭୃକ୍ଷେପ କରୁ ନ ଥିବା ଅଭିଯୋଗ ହୋଇଛି। ମାସିକ ବିଦ୍ୟୁତ ବିଲ ଠିକ ସମୟରେ ଆଦାୟ କରି ବେଶ ଲଭବାନ ହେଉଥିବା ଟାଟା ପାୱାର ବିଦ୍ୟୁତ ଯୋଗାଣ ପ୍ରତି ଧ୍ୟାନ ନ ଦେଇ ଗ୍ରାହକଙ୍କୁ ଶୋଷଣ କରିଚାଲିଛି। ତେଣୁ ଆଗାମୀ ଦିନରେ ବିଦ୍ୟୁତ୍ ବିଭଗର ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରିବାକୁ ବୁଦ୍ଧିଜୀବୀ ଚେତାବନୀ ଦେଇଛନ୍ତି।

### ସାମାଜିକ କର୍ମୀଙ୍କ ପରଲୋକ

ସିଂହପୁର,୩୦।୫(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କାଏଣା ଗୁଘୁନାଥପୁର ପଞ୍ଚାୟତ ନରୁଆ ମଠର ପୃଷ୍ଠ ପୋଷକ ନିରଞ୍ଜନ ଦାସ(୯୧)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ସେ ଜଣେ ଏକଧାରାରେ ସାମାଜିକ କର୍ମୀ, କବି, ଗାଳ୍ପିକ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହିତ ଶୋକବ୍ୟକ୍ତ କରିଛନ୍ତି।

# ଖଣି ପରେ ଖଣିଜ ପାଣ୍ଠିରେ ବି ଅନିୟମିତତା

- କାମରେ ଲାଗୁନି ମେଗା ଉଠାଜଳସେଚନ, ପାଇପ ଜଳଯୋଗାଣ ପ୍ରକଳ୍ପ
- ୭ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ପାଇଁ ୨.୫୨ କୋଟି ମଞ୍ଜୁର

ଯାଜପୁର ଅଫିସ,୩୦।୫

ଖଣିରୁ ଆସିଥିବା ଖଣିଜ ପାଣ୍ଠିରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଶାହା କମିଶନଙ୍କ ରିପୋର୍ଟ ଆଧାରରେ ସୁପ୍ରିମକୋର୍ଟ ଖଣିଜ ପଦାର୍ଥ ଲୁଟିଥିବା ଲିଜ୍‌ଧାରୀଙ୍କଠାରୁ କ୍ଷତିପୂରଣ ବାବଦକୁ ୧୮ ହଜାର କୋଟି ଟଙ୍କା ଆଦାୟ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅର୍ଥରେ ଓଡିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ(ଓଏମ୍‌ବିଏଡିସି) ଗଠିତ ହୋଇଛି। ସେହିପରି ଖଣି ଓ ଖଣିଜ ପଦାର୍ଥ ପ୍ରଶାସନିକ ପରିଚାଳନା ପାଇଁ ମାଇନ୍ସ ଓ ମିନେରାଲ ଡେଭଲପମେଣ୍ଟ ଆଣ୍ଡ ରେଗୁଲେଶନ ଆକ୍ଟ ୧୯୫୭କୁ ୨୦୧୫ରେ ସଂଶୋଧନ କରାଯାଇଛି। ଏହି ଆଇନର ସବ୍‌ସେକ୍ସନ ୧ ଧାରା ୯(ବି)ରେ ଜିଲାସ୍ତରରେ ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ହୋଇଛି। ଏହି ଦୁଇ ଖଣିଜ ପାଣ୍ଠି ଦ୍ୱାରା କ୍ଷତିଗ୍ରସ୍ତ ଅଞ୍ଚଳ ସହ ଅନ୍ୟାନ୍ୟ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ପାଇଁ ଖସଡା ପ୍ରସ୍ତୁତ ହୋଇଛି। ବିଶେଷକରି ଖଣି ପ୍ରଭାବିତ ଅଞ୍ଚଳରେ ସ୍ୱଚ୍ଛ ଜଳ ଯୋଗାଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଏବେ ଡିଏମ୍‌ଏଫ୍ ପାଣ୍ଠିରୁ କୃଷିର ବିକାଶ ଲକ୍ଷ୍ୟ ରଖି ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରିବାକୁ ଯୋଜନା ହୋଇଛି। ଏହାପୂର୍ବରୁ ଡିଏମ୍‌ଏଫ୍ ପାଣ୍ଠିରୁ ନିର୍ମାଣ ହୋଇଥିବା ମେଗା ଉଠା ଜଳସେଚନ ପ୍ରକଳ୍ପ ଚାଷୀଙ୍କ କାର୍ଯ୍ୟରେ ଲାଗି ପାରିନାହିଁ। ଏହାବାଦ୍ ୨୦୧୭ରୁ ଯାଜପୁର ଜିଲାର ସୁକିନ୍ଦା ଖଣି ଅଞ୍ଚଳରେ ଓଏମ୍‌ବିଏଡିସି ପାଣ୍ଠିରୁ ନିର୍ମାଣ ହେଉଥିବା ୩ଟି ମେଗା ଜଳ ଯୋଗାଣ ପ୍ରକଳ୍ପରୁ ଏଯାଏ ନିର୍ଦ୍ଧାରିତ ଅଞ୍ଚଳବାସୀ ସ୍ୱଚ୍ଛ ପାଣି ପାଇବାରୁ ବଞ୍ଚିତ ରହିଛନ୍ତି। ଅନ୍ୟପକ୍ଷେ ସମ୍ପୃକ୍ତ ଠିକାସଂସ୍ଥା ଏନ୍‌ସିସି ବିଳମ୍ବର ସୁଯୋଗ ନେଇ ଚୁକ୍ତିଠାରୁ ଅଧିକ ଅର୍ଥ ମଞ୍ଜୁର କରି ନେଇଛନ୍ତି। ଗତ ୨୨।୫।୨୦୨୩ରେ ୩୭ଟି ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ପାଇଁ ନିର୍ମାଣ ହେଉଥିବା ପ୍ରଥମ ପ୍ରକଳ୍ପରେ ପୁଣି ୩.୬୯ କୋଟି ଟଙ୍କା ଚଣ୍ଡିଖୋଲ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ମଞ୍ଜୁର କରାଯାଇଛି। ପୂର୍ବରୁ ଏହି ପ୍ରକଳ୍ପରେ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର ହୋଇଥିବା ନେଇ ଇଞ୍ଜିନିୟର୍ସ ଅଥରିଟି ଅଙ୍ଗୁଳି ନିର୍ଦ୍ଦେଶ କରିଥିଲା। ଏଭଳି ଭାବେ ଖଣି ଲୁଟରୁ ଗଠିତ ହୋଇଥିବା ଓଏମ୍‌ବିଏଡିସି ପାଣ୍ଠିର ବ୍ୟାପକ ଅନିୟମିତତା ହେଉଥିଲେ ହେଁ ବିଭାଗୀୟ ଅଧିକାରୀମାନେ ନୀରବ ଦ୍ରଷ୍ଟା ସାଜିଛନ୍ତି।

ଗତ ୨୧।୪।୨୦୨୩ରେ ଡିଏମ୍‌ଏଫ୍ ସେଲର ୪୦ ତମ ବୈଠକରେ ସୁକିନ୍ଦା ଖଣି ଅଞ୍ଚଳରେ ୭ଟି ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ କରିବାକୁ ପ୍ରସ୍ତାବ ହୋଇଥିଲା। ଏହି ପ୍ରସ୍ତାବକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ବିଶ୍ୱଜିତ ବିଶ୍ୱାଳ ମଙ୍ଗଳବାର ମଞ୍ଜୁର କରିଛନ୍ତି। ଏହି ମର୍ମରେ ସେ ଯାଜପୁର ଜିଲାପାଳ ତଥା ଡିଏମ୍‌ଏଫ୍‌ର ମ୍ୟାନେଜିଂ ଟ୍ରଷ୍ଟିଙ୍କୁ ପତ୍ର ମାଧ୍ୟମରେ ସୂଚିତ କରିଛନ୍ତି। ମଞ୍ଜୁର ହୋଇଥିବା ଏହି ୭ଟି ପ୍ରକଳ୍ପରେ ସମୁଦାୟ ୨୫୨ ହେକ୍ଟର(ଖରିଫ-୧୪୦ ଓ ରବି ୧୧୨ ହେକ୍ଟର) ଜମିରେ ଜଳସେଚିତ ହେବ। ଏଥିପାଇଁ ୨ କୋଟି ୧୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହିସବୁ ପ୍ରକଳ୍ପ ସୁକିନ୍ଦା ଖଣି ଅଞ୍ଚଳର କଦମ୍ବପାଳ-୨, କଦମ୍ବପାଳ-୩, ମୂଳଖମ୍ବ-୧, ମୂଳଖମ୍ବ-୨, ମୂଳଖମ୍ବ-୩, କୁହିକା-୨ ଓ କୁହିକା-୩ ପ୍ରକଳ୍ପଗୁଡିକ ରହିଛି।

ସୂଚନାଯୋଗ୍ୟ, ୨୦୧୧-୧୨ ଆର୍ଥିକ ବର୍ଷରୁ ଯାଜପୁର ଜିଲାରେ ନିର୍ମାଣାଧୀନ ୧୨ ଉଠା ଜଳସେଚନ ପ୍ରକଳ୍ପର ଅଗ୍ରଗତି ନୈରାଶ୍ୟଜନକ ହୋଇଛି। ଏଥିରେ ଡିଏମ୍‌ଏଫ୍ ପାଣ୍ଠିରୁ ମେଘା ଇଞ୍ଜିନିୟର୍ସ ପ୍ରକଳ୍ପ ନିର୍ମାଣ କରୁଛି। ଜିଲାର ବଡ଼ଚଣା, ଧର୍ମଶାଳା, ଯାଜପୁର ଓ ରସୁଲପୁର ବ୍ଲକ ଅଞ୍ଚଳରେ ୧୨,୮୦୦ ହେକ୍ଟର ଜମିରେ ଜଳସେଚନର ଯୋଜନା ହୋଇଛି । କିନ୍ତୁ ସମସ୍ତ ପ୍ରକଳ୍ପରେ ଏଯାଏ ପାଇପ୍ ବିଛା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। କିନ୍ତୁ ସରକାରଙ୍କ ରୋଷର ଶିକାରରୁ ବର୍ତ୍ତିବା ପାଇଁ ସମସ୍ତ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ସାରିଛି ବୋଲି ବିଭାଗ ପକ୍ଷରୁ ରିପୋର୍ଟ ଦିଆଯାଇଛି। ଏଥିଯୋଗୁ ସରକାରଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ବିପୁଳ ପରିମାଣର ଟଙ୍କା କୃଷକମାନଙ୍କ କାର୍ଯ୍ୟରେ ନ ଲାଗି ସମ୍ପୃକ୍ତ ଠିକାଦାରମାନଙ୍କ ସ୍ୱାର୍ଥରେ ସ୍ୱାହା ହୋଇଥିବା ମତପ୍ରକାଶ ପାଇଛି। ମେଗା ପାଇପ ଜଳଯୋଗାଣ ପ୍ରକଳ୍ପ ସଂକ୍ରାନ୍ତରେ ଆରଡବ୍ଲୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ଘଡେଇଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ନମ୍ବରକୁ ମଙ୍ଗଳବାର ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ ଗ୍ରହଣ କରି ନ ଥିଲେ।


ରାହପଦାଠାରେ ଥିବା ଉଠାଜଳସେଚନ ପ୍ରକଳ୍ପ ।

## ନିର୍ଭୟରେ ଚାଲିଛି ବାଲି ଚୋରାଚାଲାଣ



ଯାଜପୁର ସଦର,୩୦।୫(ଡି.ଏନ.ଏ.):

ଯାଜପୁର ବ୍ଲକ ଅନ୍ତର୍ଗତ ଖରସ୍ରୋତା ନଦୀ କୂଳରେ ଥିବା କଟେରିଗାଁ, ବରୁଆଁ ଓ କଳସପୁର ମୌଜାର ନଦୀବନ୍ଧ ଉଭୟ ପାର୍ଶ୍ୱରେ ପାହାଡ଼ ସଦୃଶ ଚୋରା ବାଲି ଦେଖିବାକୁ ମିଳୁଛି। ମାଫିଆ ମେଶିନ ସାହାଯ୍ୟରେ ନଦୀରୁ ଟ୍ରାକ୍ଟର ଯୋଗେ ବାଲିଆଣି ବିଭିନ୍ନ ସ୍ଥାନରେ ମହଜୁଦ ରଖୁଛନ୍ତି। ରାତିରେ ଟ୍ରକ୍ ଓ ହାଇୱା ଯୋଗେ ନିର୍ଭୟରେ ବାହାରକୁ ଚାଲାଣ କରୁଛନ୍ତି। ପୋଲିସ ଏକଥା ଜାଣୁଥିଲେ ମଧ ନୀରବଦ୍ରଷ୍ଟା ସାଜିଛି। ଫଳରେ ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖରସ୍ରୋତା ନଦୀଗର୍ଭରେ ଲୀନହୋଇ ବାଲୁକା ଶଯ୍ୟା ହୋଇଥିବା ନିରୀହ ଚାଷୀଙ୍କ ଚାଷ ଜମିର କ୍ଷୟକ୍ଷତିର ଭରଣା କରାଯାଇନାହିଁ। ଗରିବ ଚାଷୀ ନିଜର ଭଙ୍ଗା କୁଡ଼ିଆକୁ ସଜାଡ଼ିବା ପାଇଁ ଗୋଟିଏ ଟ୍ରାକ୍ଟରରେ ୮୦ ଫୁଟ ବାଲିକୁ ୧୦୦୦ଟଙ୍କାରୁ ଅଧିକ ଦରରେ କିଣୁଛନ୍ତି। ହେଲେ ଏଠି ମାଫିଆ ବାଲି ଉତ୍ତୋଳନ କରି ମାଲାମାଲ ହେଉଛନ୍ତି। ତେଣୁ ଜିଲା ପ୍ରଶାସନ ତୁରନ୍ତ ଚୋରା ବାଲି ମହଜୁଦ ଓ ଚୋରା ଚାଲାଣ କରୁଥିବା ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏଥିସହିତ ବାଲିର ଉଚିତ ମୂଲ୍ୟ ନିର୍ଦ୍ଧାରଣ କରି ଲୋକଙ୍କ ଆବଶ୍ୟକ ଅନୁଯାୟୀ ସରକାରୀ ଦରରେ ଯୋଗାଇବା ପାଇଁ ସାଧାରଣରେ ମତପ୍ରକାଶ ପାଇଛି।

# ପ୍ରତିବାଦ ପରେ ଆଲୋଚନା ପାଇଁ ନିଷ୍ପତ୍ତି

**ଏସ୍‌ବିଆଇ ଯାଜପୁରରୋଡ୍ ଆଞ୍ଚଳିକ ବାଣିଜ୍ୟିକ କାର୍ଯ୍ୟାଳୟ ସ୍ଥାନାନ୍ତର ପ୍ରସଙ୍ଗ**

ଯାଜପୁରରୋଡ଼,୩୦।୫(ଡି.ଏନ.ଏ.): ଯାଜପୁର ରୋଡ୍‌ଠାରେ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍(ଏସ୍‌ବିଆଇ)ର ଆଞ୍ଚଳିକ ବାଣିଜ୍ୟିକ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ କେନ୍ଦୁଝରକୁ ସ୍ଥାନାନ୍ତର ନିଷ୍ପତ୍ତି ବିରୋଧରେ କୋରେଇ ସଂଗ୍ରାମ ସମିତି ପକ୍ଷରୁ ମଙ୍ଗଳବାର ପ୍ରତିବାଦ ସଭା କରାଯାଇଛି। ଏହାପରେ ବ୍ୟାଙ୍କ ପକ୍ଷରୁ ଏକ ମିଳିତ ଆଲୋଚନା ପାଇଁ ନିଷ୍ପତ୍ତି ହୋଇଛି। ଏନେଇ ଗତ ୫ ତାରିଖରେ ଉକ୍ତ କାର୍ଯ୍ୟାଳୟ ଆଗରେ ସମିତି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସ୍ଥାନାନ୍ତର ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର କରା ନ ଗଲେ ଯାଜପୁରରୋଡ୍ ମୁଖ୍ୟ ଶାଖାକୁ ଅଚଳ କରାଯିବାକୁ ପୁର୍ନବାର ୨୬ତାରିଖରେ ସତର୍କ କରାଯାଇଥିଲା। ମାତ୍ର ଏହାକୁ ଅଣଦେଖା କରିବା ସହିତ ଜିଲାପାଳ, ଏମ୍‌ପି ଓ ସ୍ଥାନୀୟ ବିଧାୟଙ୍କ ସହିତ ଆଲୋଚନା ନ କରି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଏଭଳି ଏକ ତରଫା ନିଷ୍ପତ୍ତି ନେଇଛନ୍ତି ବୋଲି ସମିତି ପକ୍ଷରୁ ଅଭିଯୋଗ ହୋଇଛି। ସମିତି ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧକ୍ଷତାରେ ବ୍ୟାଙ୍କ ଶାଖା ସମ୍ମୁଖରେ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ଏଥିରେ ବ୍ୟାସନଗରର ବିଭିନ୍ନ ଗଣସଂଗଠନ ଯୋଗ ଦେଇଥିଲେ। ଫଳରେ ମୁଖ୍ୟ ଶାଖା ୫ ଘଣ୍ଟା ଧରି ଅଚଳ ହୋଇ ପଡ଼ିଥିଲା। ଖବର ପାଇ କେନ୍ଦୁଝରର ଆଞ୍ଚଳିକ ବାଣିଜ୍ୟିକ ପ୍ରବନ୍ଧକ ଦିଲୀପ କୁମାର ଦାସ ଓ ବ୍ୟାଙ୍କର ମୁଖ୍ୟ ପରିଚାଳକ ଜ୍ୟୋତିରଞ୍ଜନ ବେହେରା ପହଞ୍ଚି ସଂଗ୍ରାମ ସମିତି ସହ ଆଲୋଚନା କରିଥିଲେ। ସ୍ଥାନାନ୍ତର ସମ୍ପର୍କରେ ଆସନ୍ତା ୯ ତାରିଖରେ ଏକ ମିଳିତ ଆଲୋଚନା କରାଯିବ ବୋଲି ପ୍ରକାଶ କରିଥିଲେ। ପରେ ସଂଗ୍ରାମ ସମତି କର୍ମକର୍ତ୍ତା ବ୍ୟାଙ୍କକୁ କର୍ମଚାରୀ ଓ ଗ୍ରାହକଙ୍କୁ ଛାଡିଥିଲେ।

ପ୍ରତିବାଦ ସଭାରେ ମିଳିତ ଗଣ ସଂଗଠନ ତଥା କୋରେଇ ସଂଗ୍ରାମ ସମିତି ସମ୍ପାଦକ ଅଭିମନ୍ୟୁ ମିଶ୍ର, ସିଆଇଟିୟୁ ସଭାପତି ପ୍ରଫୁଲ୍ଲ ନାୟକ, ଆଇଏନଟିୟୁସି ନେତା ନାରାୟଣ ଚନ୍ଦ୍ର ନାୟକ, ସଂଗ୍ରାମ ସମିତି ଉପସଭପତି ଆଲୋକ ମହାନ୍ତିଙ୍କ ସମେତ ଭଗତ ସିଂହ ଯୁବକ ସଂଘ ସଭପତି ରାଜେନ୍ଦ୍ର କୁମାର ବିଶ୍ୱାଳ, ସାମଜିକ କର୍ମୀ ଜନାର୍ଦ୍ଦନ ରାଉତ, କର୍ମଚାରୀ ମହାସଂଘ ନେତା ନିରଞ୍ଜନ ପରିଡ଼ା, ରାଷ୍ଟ୍ରୀୟ ମଜଦୂର କଂଗ୍ରେସ ଜିଲା ସମ୍ପାଦକ ନୃସିଂହ ଚରଣ ପହି, ଅଣସଂଗଠିତ ଶ୍ରମିକ କର୍ମଚାରୀ କଂଗ୍ରେସ ସଭାପତି ପଦ୍ମନାଭ ନାୟକ, ସୁଧାନିଧି ମହାପାତ୍ର, ସଂଗ୍ରାମ ସମିତି ସହ ସମ୍ପାଦକ ମନୋରଞ୍ଜନ ନାୟକ, ଚାମ୍ବର ଅଫ କମର୍ସ ସମ୍ପାଦକ ସଦାଶିବ ଦାଶ, ଶ୍ରମିକ ନେତା ମୁନେଶ୍ୱର୍ ନାୟକ ଓ ଅଭିମନ୍ୟୁ ପାତ୍ର ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସେମାନେ କୋରେଇ ଅଞ୍ଚଳରୁ ଲୋକପ୍ରତିନିଧିଙ୍କ ବିନା ପରାମର୍ଶରେ ଗୋଟେ ପରେ ଗୋଟେ କାର୍ଯ୍ୟାଳୟ ସ୍ଥାନାନ୍ତର କରିବା ଓ ୨୦୧୪ରୁ ଭାରତୀୟ ଷ୍ଟେଟବ୍ୟାଙ୍କ ନିଜ କାର୍ଯ୍ୟାଳୟ ପାଇଁ ଜମି ଅଧିଗ୍ରହଣ କରାଯାଇ ଥିବା ଓ ଏଥି ନିମନ୍ତେ ୫୦କୋଟି ଟଙ୍କା ବ୍ୟୟ ଅଟକଳ ପରେ ଦଳାଠାରେ ନିଜର ଗୃହ ନିର୍ମାଣ ନ କରିବାକୁ ଦୃଢ଼ ନିନ୍ଦା କରିଥିଲେ। ତୁରନ୍ତ ଏଭଳି ନିଷ୍ପତ୍ତି ପ୍ରତ୍ୟାହାର ନ କଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସମିତି ସଭାପତି ମହାନ୍ତି ପ୍ରକାଶ କରିଛନ୍ତି।


କୋରେଇ ସଂଗ୍ରାମ ସମିତି ପକ୍ଷରୁ ଯାଜପୁର ରୋଡ୍‌ଠାରେ ଥିବା ଏସ୍‌ବିଆଇର ଆଞ୍ଚଳିକ ବାଣିଜ୍ୟିକ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ସଭା।

# ଚିତ୍ରଶିଳ୍ପୀଙ୍କୁ ଗାନ୍ଧର୍ବ ଦୃଶ୍ୟ କଳା ସମ୍ମାନ

ରସୁଲପୁର,୩୦।୫(ଡି.ଏନ.ଏ.):

ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡତିର ଗ୍ରାମର ଚିତ୍ରଶିଳ୍ପୀ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର କଳାବିଭାଗ ଅଧାପକ ଅଞ୍ଜନ କୁମାର ସାହୁଙ୍କୁ ଗାନ୍ଧର୍ବ ଦୃଶ୍ୟ କଳା ସମ୍ମାନ-୨୦୨୩ରେ ସମ୍ମାନିତ କରାଯାଇଛି। ଏକଥା ଜାଣି ଅଞ୍ଜନଙ୍କ ସମ୍ପର୍କୀୟ, ବନ୍ଧୁବାନ୍ଧବ, ପରିବାରବର୍ଗଙ୍କ ମଧରେ ଖୁସିର ଲହରି ଖେଳିଯାଇଛି। ସେମାନଙ୍କଠାରୁ ତାଙ୍କ ପାଖକୁ ଶୁଭେଚ୍ଛାର ବାର୍ତ୍ତା ଛୁଟିବାରେ ଲାଗିଛି। ମା'ବାପାଙ୍କ ଆଶୀର୍ବାଦ, ସାଙ୍ଗସାଥୀଙ୍କ ଭଲପାଇବା ଓ ପ୍ରେରଣା ତାଙ୍କୁ ଆଗକୁ ବଢ଼ିବାରେ ସହାୟକ ହେଉଛି ବୋଲି ସେ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

ସାଂସ୍କୃତିକ ପ୍ରତିଷ୍ଠାନ ଗାନ୍ଧର୍ବ କଳା ପରିଷଦ ପକ୍ଷରୁ '୪୯ତମ ଗାନ୍ଧର୍ବ କଳା ମହୋତ୍ସବ' ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ୨ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିଲା। ଏଥିରେ ସାହିତ୍ୟିକ, ନୃତ୍ୟ, ଗୀତ, ଚିତ୍ରକଳା, ଚଳଚ୍ଚିତ୍ର, ସର୍ବୋପରି କଳାର ବିକାଶ ପାଇଁ ଜୀବନବ୍ୟାପୀ ସାଧନା କରୁଥିବା ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଛି। ଚିତ୍ରକଳାରେ ଜୀବନବ୍ୟାପୀ ସାଧନା ଓ ସଫଳତା ପାଇଁ ଅଞ୍ଜନଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଆୟୋଜକ ଅନୁଷ୍ଠାନର ସହ ସଂସ୍ଥାପିକା ବାସନ୍ତି ମିଶ୍ରଙ୍କ ଅଧକ୍ଷତାରେ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ତରୁଣକାନ୍ତି ମିଶ୍ର, ସମ୍ମାନିତ ଅତିଥି ଭାବେ ଭାସ୍କର୍ଯ୍ୟ ଶିଳ୍ପୀ ସୁଦର୍ଶନ ସାହୁ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ କୁମାର ରଥ, ହେମରାଜ ବିଜ୍ଞାପନ ଏଜେନ୍ସି ମୁଖ୍ୟ ଲକ୍ଷ୍ମୀନାରାୟଣ ଅଗ୍ରୱାଲା ପ୍ରମୁଖ ଯୋଗଦେଇଥିଲେ। ଚିତ୍ରଶିଳ୍ପୀ ଅଞ୍ଜନଙ୍କୁ ଅତିଥି ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ।


ଚିତ୍ରଶିଳ୍ପୀ ଅଞ୍ଜନ କୁମାର ସାହୁଙ୍କୁ ଅତିଥି ସମ୍ମାନିତ କରୁଛନ୍ତି ।

# ଜାତୀୟ ରାଜପଥ କଡ଼ରୁ ଜବରଦଖଲ ଉଚ୍ଛେଦ


ଜବରଦଖଲ ଉଚ୍ଛେଦ କରାଯାଉଛି ।

ଚଣ୍ଡିଖୋଲ/ଛତିଆ,୩୦।୫(ଡି.ଏନ୍.ଏ.):

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ଛତିଆ ଭଞ୍ଜନଗରଠାରେ ମଙ୍ଗଳବାର ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଦର୍ପଣ ତହସିଲଦାର ଶୁଭଦର୍ଶନ ମିଶ୍ର, ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ ପ୍ରମୁଖ ଉପସ୍ଥିତ ରହି ପୋଲିସ ଫୋର୍ସ ଜରିଆରେ ଜାତୀୟ ରଜପଥ କଡ଼ରୁ ଦୋକାନ ଗୃହଗୁଡ଼ିକୁ ଉଚ୍ଛେଦ କରିଥିଲେ। ଏଥି ସହିତ ଛତିଆ ବଟତଳ ବଜାରରେ ଅବରୋଧ କରିଥିବା ତିନୋଟି ଦୋକାନକୁ ଉଚ୍ଛେଦ କରାଯାଇଥିଲା।

୧୬ନଂ. ଜାତୀୟ ରଜପଥ କଡ଼ର ଛତିଆ ଭଞ୍ଜନଗର ଛକ ନିକଟରେ ଦୀର୍ଘ ଦିନ ହେଲା କେତେଜଣ ବ୍ୟବସାୟୀ ଅସ୍ଥାୟୀ ଦୋକାନ କରି ବ୍ୟବସାୟ କରୁଥିଲେ। ଏହି ଦୋକାନ ସମ୍ମୁଖରେ ବିଭିନ୍ନ ଚାରିଚକିଆ ଗାଡ଼ି ପାର୍କିଂ କରି ଜାତୀୟ ରାଜପଥକୁ ଅବରୋଧ କରୁଥିଲା, ଯଦ୍ଦ୍ୱାରା ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟି ଚାଲିଥିଲା। ତେଣୁ ବିଭିନ୍ନ ସମୟରେ ଅବରୋଧ ହଟାଇବା ପାଇଁ ଦାବି ହୋଇଆସୁଥିଲା। ସେଠାରୁ ୧୫ରରୁ ୨୦ଦୋକାନ ଉଚ୍ଛେଦ ହୋଇଥିବାବେଳେ ଆଉ ୧୫ଟି ଦୋକାନକୁ ଉଚ୍ଛେଦ ନ କରି ପ୍ରଶାସନ ଚାଲି ଯାଇଥିଲା, ଯାହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ସମସ୍ତ ଦୋକାନ ଉଚ୍ଛେଦ କରିବାକୁ ବ୍ୟବସାୟୀ ଦାବି କରିଥିଲେ।

# ବଡ଼ଚଣା ଭାଜପାର ବ୍ଲକ କାର୍ଯ୍ୟାଳୟ ଘେରାଉ

ଚଣ୍ଡିଖୋଲ,୩୦।୫(ଡି.ଏନ୍.ଏ.):

**ମିଶନ ଶକ୍ତି ସଭାନେତ୍ରୀଙ୍କ ଗିରଫ, ନିଯୁକ୍ତି ବିଜ୍ଞାପନ ରଦ୍ଦ ଦାବି**

ବଡ଼ଚଣା ବ୍ଲକ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବା ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଏଥିରେ ବଡ଼ଚଣା ମିଶନଶକ୍ତି ସଭାନେତ୍ରୀ କିଛିନା ମହାପାତ୍ରଙ୍କୁ ଗିରଫ କରିବା, ୬୧ ସିଆର୍‌ପି, ୫ ଏମ୍‌ବିକେ ଓ ୩ ବ୍ୟାଙ୍କ ମିତ୍ର ପଦବୀ ଚୟନରେ ହୋଇଥିବା ଅନିୟମିତତା ଯୋଗୁ ଏହାର ବିଜ୍ଞାପନକୁ ରଦ୍ଦ କରିବା, ଅନୈତିକ ଅର୍ଥକାରବାରରେ ସମ୍ପୃକ୍ତ ଥିବା ମିଶନ ଶକ୍ତି ସଭାନେତ୍ରୀଙ୍କୁ ବହିଷ୍କାର, ମିଶନଶକ୍ତି ମହାସଂଘ ଗଠନରେ ହୋଇଥିବା ଅନିୟମିତତା ଓ ୨ ବର୍ଷ କାର୍ଯ୍ୟକାଳ ଥିବାବେଳେ କିଭଳି ଭାବରେ ୮ବର୍ଷ ସେ ରହିଥିଲେ ସେଥି ନେଇ ତଦନ୍ତ କରିବାକୁ ଦାବି ହୋଇଛି। ଏଭଳି ୭ ଦାବି ନେଇ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବଡ଼ଚଣା ଭାଜପା ନେତ୍ରୀ ତଥା ଜିଲା ସାଧାରଣ ସମ୍ପାଦକ ଦେବଜାନୀ ପ୍ରଧାନଙ୍କ ଅଧକ୍ଷତାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଶତାଧିକ ମହିଳା ଯୋଗଦେଇ ମିଶନ୍ ଶକ୍ତି ସଭାନେତ୍ରୀ କିଛିନା ମହାପାତ୍ର ଜଣେ ଆଶାୟୀ ସିଆରପି ପ୍ରାର୍ଥୀଙ୍କ ନିକଟରୁ ୭ହଜାର ଟଙ୍କା ଲାଞ୍ଚ ନେଉଥିବା ଘଟଣାର ବିଷୟରେ କହିଥିଲେ। ମିଶନ ଶକ୍ତି କାର୍ଯ୍ୟରେ ଦୁର୍ନୀତି ହେଉଥିବା ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ଭାଜପା ସମ୍ପାଦକ ଅମର ନାୟକ ଅଭିଯୋଗ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧରେ ଜିଲା ସମ୍ପାଦକ ପ୍ରମୋଦ ଜେନା, ପୂର୍ବତନ ଜିଲା ସଭାପତି ଅଶୋକ ସାମଲ, ଜିଲା ମହିଳା ମୋର୍ଚ୍ଚା ସମ୍ପାଦକ ମଞ୍ଜୁଲତା ପ୍ରଧାନ, ମଣ୍ଡଳ ସଭାନେତ୍ରୀ ସବିତା ପଣ୍ଡା, ଗୀତାଞ୍ଜଳି ମହାନ୍ତି, ମାମିନା ସେଠୀ, ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରୀତମ ନାୟକ, ମଣ୍ଡଳ ସଭାପତି ଲଲାଟେନ୍ଦୁ ମହାପାତ୍ର ଓ ବେଣୁଧର ବିଶ୍ୱାଳ ପ୍ରମୁଖ ବହୁ ବ୍ୟକ୍ତି ଯୋଗଦେଇ ପ୍ରତିବାଦ କରିଥିଲେ। ପରେ ବଡ଼ଚଣା ବିଡିଓ ରବୀନ୍ଦ୍ର ନାଥ ପ୍ରଧାନଙ୍କୁ ୭ଦଫା ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଆଇନଶୃଙ୍ଖଳା ରକ୍ଷା ପାଇଁ ଯାଜପୁର ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ବଡ଼ଚଣା ଥାନାଅଧିକାରୀ ପ୍ରଦୀପ୍ତ କାନୁନଗୋ ଓ ବାଲିଚନ୍ଦ୍ରପୁର ଥାନାଧିକାରୀ ରମାକାନ୍ତ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ପ୍ରତିବାଦ ସଭା କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୩୧ ମେ, ୨୦୨୩



**ମଦ ଜବତ, ମହିଳାଙ୍କ ସହ ୨ ଗିରଫ**

ରାଜନଗର, (ଡି.ଏନ୍.ଏ.): ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ଚୋରା ମଦ କାରବାର ବେଧଡ଼କ ଭାବେ ଚାଲିଛି। ସୋମବାର ଥାନାର ଏଏସ୍ଆଇ ପ୍ରତାପ ଚନ୍ଦ୍ର ମହାନ୍ତି ଓ ବାବୁରାମ ହେମ୍ବ୍ରମ ଚଢ଼ାଉ କରି ଭେଣ୍ଟା ଗାଁର ବିଶ୍ୱନାଥ ନାୟକଙ୍କ ସ୍ତ୍ରୀ ମାମୁନି ଓ ଶିକାରପାହି ଗାଁର ବିମଳ ଭୂୟାଁଙ୍କୁ ଗିରଫ କରିଥିଲେ। ମାମୁନିଙ୍କଠାରୁ ୧୩ଟି କେନ ବିୟର ଜବତ ହୋଇଥିଲା। ତାଙ୍କୁ ଥାନାରୁ ବେଲ ଦିଆଯାଇଛି। ଶିକାରପାହି ଗାଁର ବିମଳଙ୍କଠାରୁ ୪୨ ବୋତଲ ଦେଶୀମଦ ଜବତ ହୋଇଥିଲା। ବିମଳଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ସଂକ୍ଷେପରେ

### ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

ମାର୍ଶାଘାଇ, ୩୦।୫(ଡି.ଏନ୍.ଏ.): ମାର୍ଶାଘାଇ ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ନାବାଳିକାଙ୍କୁ ୨ଜଣ ଯୁବକ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଉକ୍ତ ନାବାଳିକା ଜଣକ ତାଙ୍କର ପୋଟଳ କିଆରିକୁ ଜଗିଥିବା ବେଳେ ଗ୍ରାମର ୨ଜଣ ବ୍ୟକ୍ତିଙ୍କ ପ୍ରାୟ ୧୦ଟି ଗାଈ ଓ ବାଛୁରୀ ଉକ୍ତ କିଆରିରେ ପଶି ଯାଇଥିଲେ। ନାବାଳିକା ଜଣକ ଗାଈଗୁଡ଼ିକୁ ଘଉଡ଼ାଇବା ବେଳେ ଏହି ୨ ବ୍ୟକ୍ତି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ସେ ପ୍ରତିବାଦ କରିବାରୁ ତାଙ୍କୁ ସେମାନେ ନଈକୂଳକୁ ଟେକି ନେଇ ଟଣାଓଟରା କରିଥିଲେ। ସେ ଚିତ୍କାର କରିବାରୁ ସେମାନେ ପଳାଇ ଯାଇଥିଲେ ବୋଲି ନାବାଳିକା ଜଣକ ଅଭିଯୋଗରେ ଦର୍ଶାଇଛନ୍ତି।

### ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଲଟ୍ରାସାଉଣ୍ଡ ୟୁନିଟ୍ ଉଦ୍‌ଘାଟିତ

ପାଟକୁରା,୩୦।୫(ଡି.ଏନ.ଏ.): ଗରଦପୁର ବ୍ଲକ ଅଧୀନ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଅଲଟ୍ରାସାଉଣ୍ଡ ୟୁନିଟ୍ ଖୋଲାଯାଇଛି। ଏହାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା. ଅନିତା ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ଗର୍ଭବତୀମାନେ ଉପକୃତ ହୋଇପାରିବେ। ଅଲଟ୍ରାସାଉଣ୍ଡ ପରୀକ୍ଷା ପାଇଁ ସେମାନଙ୍କୁ କଟକ ଓ କେନ୍ଦ୍ରାପଡ଼ା ଯିବାକୁ ପଡୁଥିଲା। ସେମାନେ ଅଧିକ ଖର୍ଚ୍ଚାନ୍ତ ହେଉଥିଲେ। ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ସୁବିଧା ମାଗଣାରେ ହିତାଧିକାରୀଙ୍କୁ ଉପଲବ୍ଧ ହେବ। ଉଦ୍‌ଘାଟନୀ ଉତ୍ସବରେ ଡା. ସଚ୍ଚିଦାନନ୍ଦ ମିଶ୍ର, କୃଷ୍ଣଚନ୍ଦ୍ର ଲୋହା, ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ନିରଞ୍ଜନ କର, ଡା. ହିମାଂଶୁ ଭୂଷଣ ଷଡ଼ଙ୍ଗୀ, ବିପିଏମ୍ ଉଷାରାଣୀ ବାରିକ, ନର୍ସିଂ ଅଫିସର ଲଳିତା ମହାପାତ୍ର, କସ୍ତୁରିବା ମାହାଳିଙ୍କ ସମେତ ଆଶାକର୍ମୀ ଏବଂ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ମିଲେନିୟମ୍ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ

ରାଜକନିକା, ୩୦।୫ (ଡି.ଏନ୍.ଏ.): ାଜକନିକାରେ ଅନିତା ଫାଉଣ୍ଡେଶନ ଟ୍ରଷ୍ଟ ଗୁର୍‌ଗାଁଓ ହରିୟାନା ଦ୍ୱାରା ପରିଚାଳିତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ମିଲେନିୟମ୍ ପବ୍ଲିକ୍ ସ୍କୁଲ ଶିଶୁଆ ଓ ଚନ୍ଦନ ପୋଖରୀ ଛକଠାରେ ଅବସ୍ଥିତ। ଏହାର ବାର୍ଷିକ ଉତ୍ସବ ସୋମବାର ସନ୍ଧ୍ୟାରେ ରାଜକନିକାସ୍ଥିତ ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ମିଲେନିୟମ୍ ପବ୍ଲିକ୍ ସ୍କୁଲର ଭାଇସ୍ ପ୍ରିନ୍ସିପାଲ ତଥା ଏକାଡେମିକ୍ ହେଡ୍ ପଙ୍କଜ କୁମାର ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପଟ୍ଟାମୁଣ୍ଡାଇ ସର୍କଲର ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରିଆ ଯୋଗଦେଇ ଛାତ୍ରୀଛାତ୍ର ଓ ସ୍କୁଲର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜକନିକା ଥାନା ଆଇଆଇସି ବିଲ୍ୱମଙ୍ଗଳ ସେଠୀ, ଅନ୍ୟତମ ଅତିଥି ଭାବେ ପ୍ରଦୀପ ଦାସ, ସ୍କୁଲ ଚେୟାରମ୍ୟାନ୍ ସରସ୍ୱତୀ ବଳ ଏବଂ ସ୍କୁଲର ପ୍ରିନ୍ସିପାଲ ତଥା ଅନୁଷ୍ଠାନର ମ୍ୟାନେଜର ଅଚ୍ୟୁତାନନ୍ଦ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନାଚ, ଗୀତ, ନାଟିକା ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦ୍ୱାରା ଶୃଙ୍ଖଳାର ସହ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିଲା।

# ୪ଟି ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ଫେରାର

## ପୋଲିସ କାର୍ଯ୍ୟାନୁଷ୍ଠାନ ଶୂନ

ଡେରାବିଶ,୩୦।୫ (ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅନ୍ତର୍ଗତ ରଘୁଦେଇପୁର ପଞ୍ଚାୟତ ବେଲାରପୁର ଗ୍ରାମର ୫ ଜଣ ଅଭିଯୋଗକାରୀଙ୍କ ନାମରେ ୪ଟି ମାମଲା କରି ନ୍ୟାୟ ଅପେକ୍ଷାରେ ରହିଛନ୍ତି। ହେଲେ ଅଭିଯୁକ୍ତ ଜଣକ ଫେରାର ହୋଇ ଯାଇଛନ୍ତି। ଫଳରେ ପୋଲିସ କାର୍ଯ୍ୟାନୁଷ୍ଠାନ ବଦଳରେ ନୀରବ ରହୁଥିବା କାରଣରୁ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

ଘଟଣାରୁ ପ୍ରକାଶ ବେଲାରପୁର ଗ୍ରାମର ନିରଞ୍ଜନ କରଙ୍କ ପୁଅ ରଞ୍ଜନ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ। ସେ ଗ୍ରାମରେ ବିଭିନ୍ନ ସମୟରେ ବିଭିନ୍ନ ଲୋକଙ୍କୁ ଦୁର୍ବ୍ୟବହାର କରିବା ସହ ଧମକଚମକ ଦେଉଛନ୍ତି। ଏପ୍ରିଲ ୧୪ରେ ରଞ୍ଜନ ମନ୍ଦ ଉଦ୍ଦେଶ୍ୟରେ ସେହି ଗ୍ରାମର ମନ୍ମଥ ମହାନ୍ତିଙ୍କ ସ୍ତ୍ରୀ କବିତାଙ୍କ ଘର ବାହାରେ ପରିଷ୍ରା କରୁଥିବା ସମୟରେ ପଛପଟୁ ଆସି ଦୁର୍ବ୍ୟବହାର କରିବାକୁ ଉଦ୍ୟମ କରିଥିଲେ। କବିତା ଚିତ୍କାର କରିବାରୁ ତାଙ୍କ ତଣ୍ଟି ଚିପି ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ। ଏହି ସମୟରେ କବିତାଙ୍କ ଚିତ୍କାର ଶୁଣି ପଡ଼ୋଶୀମାନେ ଦୌଡି ଆସିବାରୁ ରଞ୍ଜନ ଓ ତାଙ୍କ ବାପା ସେମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। କବିତାଙ୍କ ସ୍ୱାମୀ ହନୁମାନ ଜୟନ୍ତୀ ପର୍ବରେ ରୋଷେଇ କରିବାକୁ ଯାଇଥିବାରୁ ସେ ୧୫ ତାରିଖରେ ଏ ନେଇ ଥାନାରେ ଏତଲା ଦେଇଥିଲେ। ଏହି ଏତଲାକୁ ଆଧାର କରି ପୋଲିସ୍ ନଂ. ୧୩୦/୨୩ରେ ମାମଲା ରୁଜୁ କରିଛି। ସେହିପରି ରଞ୍ଜନଙ୍କ ନାମରେ ୨୦ ତାରିଖରେ ବେଲାରପୁର ଗ୍ରାମର କୀର୍ତ୍ତିଞ୍ଜୟ ତ୍ରିପାଠୀଙ୍କ ଆଉ ଏକ ଅଭିଯୋଗକୁ ଭିତ୍ତିକରି ଥାନାରେ ନଂ. ୧୭୨/୨୩ରେ ମାମଲା ରୁଜୁ ହୋଇଛି। ସେହିପରି ୨୨ ତାରିଖରେ ରଞ୍ଜନଙ୍କ ନାମରେ ବେଲାରପୁର ଗ୍ରାମର ୩ଜଣ ବରିଷ୍ଠ ନାଗରିକ ଭରତ ଚରଣ ସିଂ (୬୮), ନରୋତ୍ତମ ଦାଶ (୭୨), ପ୍ରଫୁଲ୍ଲ କୁମାର ନାୟକ (୬୪) ଡେରାବିଶ ଥାନାରେ କରିଥିବା ଅଭିଯୋଗ ଆଧାରରେ ନଂ. ୧୭୪/୨୩ରେ ମାମଲା ରୁଜୁ ହୋଇଛି। ଅଭିଯୋଗରୁ ପ୍ରକାଶ, ରଞ୍ଜନ 'ଗୋପବନ୍ଧୁ ସ୍ୱେଚ୍ଛାସେବୀ ସଙ୍ଗଠନ' ନାମରେ ଫେସ୍‌ବୁକ୍‌ରେ ଏକ ଆକାଉଣ୍ଟ ଖୋଲି ଅଭିଯୋଗକାରୀ ଉପରୋକ୍ତ ୩ଜଣଙ୍କ ନାମରେ ଅଶ୍ଳୀଳ ମନ୍ତବ୍ୟ ଦେଇ ସୋସିଆଲ୍ ମିଡିଆରେ ଛାଡ଼ି ଭାଇରାଲ୍ କରୁଛନ୍ତି। ଏମାନେ ବରିଷ୍ଠ ନାଗରିକ ହୋଇଥିବାରୁ ସମ୍ମାନରେ ହାନି ଆସୁଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏପରିକି ଅଭିଯୋଗକାରୀ ଭରତଙ୍କ ପୁଅ ଜଣେ ପ୍ରତିଷ୍ଠିତ ବୈଜ୍ଞାନିକ ଓ ବୋହୂ ଜଣେ କର୍ମଜୀବୀ ମହିଳା ଭାବେ ଆମେରିକାରେ ରହି ଆସୁଛନ୍ତି। ଫେସ୍‌ବୁକ୍‌ରେ ଏଭଳି ମନ୍ତବ୍ୟ ତାଙ୍କ ପରିବାର ସମ୍ମାନରେ ଆଞ୍ଚ ଆଣୁଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ସମ୍ପର୍କରେ ରଞ୍ଜନଙ୍କୁ ପଚାରିବାରୁ ସେ ଏମାନଙ୍କୁ ଗାଳିଗୁଲଜ କରିବା ସହ ମାମଲାର ଭୟ ଦେଖାଇ ଜୀବନରୁ ମାରିଦେବାକୁ ଧମକ ଦେଉଥିବା ଏତଲାରେ ଦର୍ଶାଯାଇଛି। ଅଭିଯୁକ୍ତ ରଞ୍ଜନ ଗ୍ରାମରେ ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଥିବା ବେଳେ ଭୟଭୀତ ଗ୍ରାମବାସୀ ଥାନାରେ ୩ଟି ଅଭିଯୋଗ କରିବା ପରେ ପୋଲିସ କୌଣସି ପଦକ୍ଷେପ ନେଉ ନ ଥିବାରୁ ଗ୍ରାମର ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକଟ କରିଛନ୍ତି। ଜାନୁୟାରୀ ୧୫ରେ ସେହି ଗ୍ରାମର ଶରତ କାଣ୍ଡି ରଞ୍ଜନ ତାଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ନଂ.୨୬/୨୩ରେ ମାମଲା ମଧ୍ୟ ରୁଜୁ ହୋଇଥିଲା। ଏ ସମ୍ପର୍କରେ ଡେରାବିଶ ଥାନା ଅଧିକାରୀ ଜ୍ୟୋତିର୍ମୟୀ ସେଠୀଙ୍କୁ ପଚାରିବାରୁ ସମ୍ପୃକ୍ତ ଗ୍ରାମରୁ ଆସିଥିବା ବିଭିନ୍ନ ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ ହୋଇଛି। ଏ ସବୁ ଘଟଣାର ତଦନ୍ତ ଜାରି ରହିଛି। ଅଭିଯୁକ୍ତ ରଞ୍ଜନ ଫେରାର ଥିବାରୁ ତାଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।



ବିନୋଦ ବିହାରୀଙ୍କ ମୂର୍ତ୍ତିକୁ ଗ୍ରାମ ପରିକ୍ରମା କରାଯାଉଛି।

# ଆୟତପୁରରେ ବିନୋଦ ବିହାରୀଙ୍କ ମନ୍ଦିର ପ୍ରତିଷ୍ଠା

କେନ୍ଦ୍ରାପଡ଼ା ଅଫିସ, ୩୦।୫

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଆୟତପୁରରେ ଶ୍ରୀବିନୋଦ ବିହାରୀ ଜୀଉଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଗତ ୨୨ ତାରିଖରେ ଅଙ୍କୁରାରୋପଣ ହୋଇଥିବା ବେଳେ ୨୮ ତାରିଖରେ ଯଜ୍ଞକର୍ମର ପୂର୍ଣ୍ଣାହୁତି ହୋଇଛି। ଏ ସମ୍ପର୍କରେ ଆୟୋଜକ ଶୁକଦେବ ସାମନ୍ତରାୟ, ପ୍ରଫୁଲ୍ଲ ସାମନ୍ତରାୟ ପ୍ରମୁଖ କହିଛନ୍ତି, ଲୁଣା- କରାଣ୍ଡିଆ ଦ୍ୱୀପାଞ୍ଚଳରେ ଏହା ଅଧ୍ୟାତ୍ମ୍ୟ ପରିବେଶ ସୃଷ୍ଟି କରିବ। ଏଠିକାର ପରିବେଶ ଅତ୍ୟନ୍ତ ସୁନ୍ଦର ହୋଇଥିବାରୁ ଆଗାମୀ ଦିନରେ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଁ ଉଦ୍ୟମ ହେବ। ୨୩ ତାରିଖରେ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା ହୋଇଥିଲା। ୨୪ ତାରିଖରେ ଯଜ୍ଞାରମ୍ଭ ହୋଇଥିବା ବେଳେ ଶ୍ରୀଜୀଉ ୨୮ ତାରିଖରେ ଗ୍ରାମ ଭ୍ରମଣ କରିଥିଲେ। ମନ୍ଦିର ପ୍ରତିଷ୍ଠା ପାଇଁ ବିଭିନ୍ନ ଅଧ୍ୟାତ୍ମ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ଗଣବିକ୍ଷୋଭ



ବିକ୍ଷୋଭରେ ସାମିଲ ହୋଇଥିବା ଶ୍ରମିକ ସଂଘର କର୍ମକର୍ତ୍ତାମାନେ।

କେନ୍ଦ୍ରାପଡ଼ା ଅଫିସ, ୩୦।୫

ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ୧୦ ଦଫା ଦାବି ଉପସ୍ଥାପନ କରାଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଗଣବିକ୍ଷୋଭ କରାଯାଇଛି। ରାଜ୍ୟ ଶ୍ରମମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଏହି ଦାବିପତ୍ରକୁ ଏଡିଏମ୍‌ଙ୍କୁ ପ୍ରଦାନ କରାଯାଇଛି। ସଂଘ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ କହିଛନ୍ତି, ଶ୍ରମିକଙ୍କ ଉନ୍ନତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି, ଯାହା ଶ୍ରମିକଙ୍କ ସାମାଜିକ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ନୁହେଁ। ପ୍ରଣିତ ଯୋଜନାର ସୁଫଳ ନିର୍ମାଣ ଶ୍ରମିକଙ୍କୁ ତୃଣମୂଳସ୍ତରରେ ମିଳୁ ନ ଥିବା ନେଇ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ ସଂଘ ପକ୍ଷରୁ କରାଯାଇଛି। ୫ ବର୍ଷ ହେବ ଯନ୍ତ୍ରପାତି ଓ ସାଇକେଲ ଅନୁଦାନ ନିର୍ମାଣ ଶ୍ରମିକଙ୍କ ନିକଟରେ ପହଞ୍ଚି ନାହିଁ। ନିର୍ମାଣ ଶ୍ରମିକଙ୍କୁ ବାସଗୃହ ଯୋଗାଣ ପ୍ରତିଶ୍ରୁତିରେ ରହିଛି। ସେହିପରି ସ୍ୱାସ୍ଥ୍ୟସେବା, ପେନ୍‌ସନ ଅର୍ଥବୃଦ୍ଧି, ପ୍ରକଳ୍ପ ଉଦ୍‌ଘାଟନ ଫଳକରେ ମୁଖ୍ୟ ନିର୍ମାଣ ଶ୍ରମିକଙ୍କ ନାମ, ମହିଳା ଶ୍ରମିକଙ୍କ ନାମ ପଞ୍ଜୀକରଣ, ସନ୍ତାନଙ୍କ ଶିକ୍ଷା ବୃତ୍ତି, ଝିଅ ବାହାଘର ଅନୁଦାନ, ମୃତ୍ୟୁକାଳୀନ କ୍ଷତିପୂରଣ, ପରିବାରଙ୍କୁ ସଂସ୍କାର ପାଇଁ ଅନୁଦାନ ଯୋଗାଣ ଆଦି ଦାବିଗୁଡ଼ିକ ଦୀର୍ଘ ଦିନରୁ ପୂରଣ ହୋଇନାହିଁ। ଶ୍ରମିକଙ୍କ ସାମାଜିକ ସୁରକ୍ଷା ବିପନ୍ନ ହେଉଥିବାରୁ ଆଗାମୀ ଦିନରେ ସଂଘ ପକ୍ଷରୁ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ଶ୍ରମିକ ନେତା ତ୍ରିପାଠୀ କହିଛନ୍ତି। ଏହି ଗଣବିକ୍ଷୋଭରେ ଶତାଧିକ ମହିଳା, ପୁରୁଷ ଯୋଗ ଦେଇଥିଲେ।

# ଦୁର୍ବୃତ୍ତ ୨ ପୋଖରୀରୁ ୪ କୁଇଣ୍ଟାଲ ମାଛ ନେଇଗଲେ

## ଏସ୍‌ଏଚଜି ପକ୍ଷରୁ ଥାନାରେ ଅଭିଯୋଗ

ରାଜକନିକା, ୩୦।୫(ଡି.ଏନ.ଏ.)

ରାଜକନିକା ଥାନା କୋଇଲିପୁର ପଞ୍ଚାୟତର ମା' ଖରାଖାଇ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି) ମହିଳାଙ୍କ ପକ୍ଷରୁ ୨ଟି ପୋଖରୀରେ ମାଛ ଚାଷ କରାଯାଇଛି। ଏହି ପୋଖରୀରୁ ଦୁର୍ବୃତ୍ତମାନେ ମଙ୍ଗଳବାର ୪ କୁଇଣ୍ଟାଲ ମାଛ ଚୋରି କରି ନେଇଛନ୍ତି। ଯାହାର ବଜାର ମୂଲ୍ୟ ୮ ଲକ୍ଷ ଟଙ୍କା ହେବ। ଥାନାରେ ଏସ୍‌ଏଚଜିର ସଦସ୍ୟମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ୨୧।୧।୨୨ରେ ପଞ୍ଚାୟତଠାରୁ କାଞ୍ଜିଖାଇ ଓ ଖୁଲାରୀ ପୋଖରୀ ୨ଟିକୁ ନିଲାମ ସୂତ୍ରରେ ୫ ବର୍ଷ ପାଇଁ ୧୨,୨୧୦ଟଙ୍କା ମୂଲ୍ୟରେ ନେଇଥିଲେ। ହେଲେ ମଙ୍ଗଳବାର କେତେଜଣ ଦୁର୍ବୃତ୍ତ ପୋଖରୀରୁ ମାଛ ଧରୁଥିବା ଦେଖି ଏସ୍‌ଏଚଜିର ସଦସ୍ୟା ବିରୋଧ କରିଥିଲେ। ହେଲେ ମାଛ ଧରୁଥିବା ଦୁର୍ବୃତ୍ତମାନେ ମହିଳାମାନଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହ ଆମେ ଜୋର ଜବରଦସ୍ତ ମାଛ ଧରିବୁ, ଆମର କ'ଣ କରିବାର ଅଛି ବୋଲି ଦୁର୍ବୃତ୍ତମାନେ କହିଥିଲେ। ଏ ନେଇ ଏସ୍‌ଏଚଜି ସଦସ୍ୟାମାନେ ଏକତ୍ରିତ ହୋଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଆଇଆଇସି ବିଲ୍ୱମଙ୍ଗଳ ସେଠୀ ଅଭିଯୋଗ ଗ୍ରହଣ କରି ଦୁର୍ବୃତ୍ତମାନଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛନ୍ତି। ଅଭିଯୋଗକାରୀଙ୍କ ମଧ୍ୟରୁ ଏସ୍‌ଏଚଜି ସଭାନେତ୍ରୀ ବିନତି ସ୍ୱାଇଁ, ସମ୍ପାଦିକା ଦମୟନ୍ତୀ ବେହେରା, ସବିତା ବେହେରା, ମମତା ସାମଲ, ସଂଯୁକ୍ତା ରାୟ, ଶଶିକଳା ସାମଲ, ଅନୁରାଧା ରାୟ, ଶକ୍ତିଲତା ନାୟକ, ମୀତା ବେହେରା, ହିମାଦ୍ରି ବେହେରା ପ୍ରମୁଖ ଥାନାରେ ଅଭିଯୋଗ କରିଛନ୍ତି।

# ବାଇକ୍‌କୁ ଘୋଷାରିନେଲା କାର, ଆରୋହୀ ମୃତ

କେନ୍ଦ୍ରାପଡ଼ା ଅଫିସ, ୩୦।୫

କେନ୍ଦ୍ରାପଡ଼ାରେ ସୋମବାର ରାତିରେ ଏକ କାର ଧକ୍କା ଦେବା ପରେ ବାଇକ୍‌କୁ ପ୍ରାୟ ୪୦୦ ମିଟର ଘୋଷାରି ନେଇଥିଲା। ତେବେ କାରଚାଳକ ଟାଉନ ଥାନା ଅଧୀନ ସୁନାଇଲେ ଗ୍ରାମର ଜିତୁ ଦାସଙ୍କୁ ସ୍ଥାନୀୟ ଲୋକ ପୋଲିସ ଜିମା ଦେଇଛନ୍ତି। ଏହି ଦୁର୍ଘଟଣାରେ ବାଇକ୍‌ଚାଳକ ସଦର ଥାନା ଅନ୍ତର୍ଗତ ବୀରସ୍ୱତୀ ଗ୍ରାମର ନିରଞ୍ଜନ ଜେନାଙ୍କ ମୃତ୍ୟୁ ଘଟିଛି। ବାଇକ୍ ଆରୋହୀ ଜଗନ୍ନାଥ ବିଶ୍ୱାଳ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ, ଜଗନ୍ନାଥ ଓ ନିରଞ୍ଜନ ଇଚ୍ଛାପୁରସ୍ଥ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରକୁ ବଡ଼ ସିଂହାରବେଶ ଦେଖିବାକୁ ଆସିଥିଲେ। ଫେରିବା ବେଳେ ଜିତୁଙ୍କ କାର ବାଇକ୍‌କୁ ଧକ୍କା ଦେଇଥିଲା। ସେ ଫେରାର ହେବା ପାଇଁ ଜୋରରେ ଯାଉଥିଲେ। ସୁନାଇଲୋରେ ଅବକାରୀ ବିଭାଗ କାର୍ଯ୍ୟାଳୟଠାରେ ଏକ ଟ୍ରକ୍ ବାଲି ଅନ୍‌ଲୋଡ କରୁଥିବାରୁ ଆଗକୁ ଆଉ ଯାଇ ପାରିନ ଥିଲେ। ଫଳରେ ସ୍ଥାନୀୟ ଲୋକ କାର ଚାଳକଙ୍କୁ ଧରି ନେଇଥିଲେ। ଟାଉନ ଥାନା ଅଧିକାରୀ ତପନ ନାୟକ କହିଛନ୍ତି, ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ଘଟଣାର ତଦନ୍ତ ଆରମ୍ଭ ହୋଇଛି।

# ପଟ୍ଟାମୁଣ୍ଡାଇରେ ଜନଶକ୍ତି ପାର୍ଟି ପକ୍ଷରୁ ଦସ୍ତଖତ ସଂଗ୍ରହ



ଦସ୍ତଖତ ଅଭିଯାନରେ ସାମିଲ ହୋଇଥିବା ବ୍ୟକ୍ତିମାନେ।

ପଟ୍ଟାମୁଣ୍ଡାଇ,୩୦।୫(ସ୍ୱ.ପ୍ର.)

ରାଜ୍ୟ ଜନଶକ୍ତି ପାର୍ଟି ପକ୍ଷରୁ ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱରେ ଥିବା ଟାଟା କମ୍ପାନୀକୁ ଓଡ଼ିଶାରୁ ହଟାଇବା ପାଇଁ ଭାରତର ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ଦେବାକୁ ରାଜ୍ୟ ବ୍ୟାପି ଅଭିଯାନ ଆରମ୍ଭ ହୋଇଛି। ପାର୍ଟିର ରାଜ୍ୟ ସଭାପତି ଆଇନଜୀବୀ ପ୍ରଦୀପ ଦାଶ ଅଭିଯାନର ନେତୃତ୍ୱ ନେଇଛନ୍ତି। ଏହିକ୍ରମରେ ପଟ୍ଟାମୁଣ୍ଡାଇଠାରେ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନରେ ପାର୍ଟିର କର୍ମକର୍ତ୍ତା ପ୍ରତାପରୁଦ୍ର ପଣ୍ଡା, ଯୁବ ସଭାପତି ପ୍ରକାଶ ଜେନା, ସେବା ଦଳ ପ୍ରମୁଖ ଅଶୋକ ରାଉତ, ଦଳିତ ସମ୍ପାଦକ ନାରାୟଣ ମଲିକ, ସେକ ଅମିରୁଦ୍ଦିନ, ନାରାୟଣ ଜେନା, ଆଇନଜୀବୀ ସୁଧୀର ଦାଶ, ସତ୍ୟବାନ ମଲିକ, ପ୍ରସନ୍ନ ତ୍ରିପାଠୀ ପ୍ରମୁଖ ଦସ୍ତଖତ ଅଭିଯାନର ନେତୃତ୍ୱ ନେଇଥିଲେ। ଜନଶକ୍ତି ପାର୍ଟି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ବିଦ୍ୟୁତ୍ ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟ ହୋଇଥିବାବେଳେ ଟାଟା କମ୍ପାନୀକୁ ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱ ଦିଆଯାଇଛି। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ୟୁନିଟ ପିଛା ଦର ମାତ୍ରାଧିକ ହେବା ଓ ମିଟର ଭଲ ଥିଲେ ମଧ୍ୟ କମ୍ପାନୀ ମନମୁଖି ଭାବେ ନିଜସ୍ୱ ମିଟର ବସାଇ ଅଧିକ ବିଦ୍ୟୁତ୍ ବିଲ ଆଦାୟ କରିବା ଘଟଣା ଓଡ଼ିଶାର ସାଧାରଣ ଜନତାଙ୍କୁ ଖୁବ୍ ବାଧିଛି। ଓଡ଼ିଶାର ଜନସାଧାରଣଙ୍କ ସମୂହ ସ୍ୱାର୍ଥ ଦୃଷ୍ଟିରୁ ରାଷ୍ଟ୍ରପତି ରାଜ୍ୟରୁ ଟାଟା କମ୍ପାନୀ ହଟାଇବା ଦିଗରେ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଅନୁରୋଧ କରାଯାଇଛି।

# ଅନାବାଦୀ, ରକ୍ଷିତ ଜମି ଅଧିଗ୍ରହଣକୁ ଗ୍ରାମବାସୀଙ୍କ ବିରୋଧ

କୁଜଙ୍ଗ,୩୦।୫(ଡି.ଏନ୍.ଏ.)

ଗଡ଼କୁଜଙ୍ଗ ମୌଜାରେ ଥିବା ଆବାଦ ଯୋଗ୍ୟ ଅନାବାଦୀ ଜମି, ବସ୍ତିଯୋଗ୍ୟ ରକ୍ଷିତ ଜମିକୁ ଅଧିଗ୍ରହଣ କରାଯାଇ ଶିଳ୍ପ ଉଦ୍ଦେଶ୍ୟରେ ଇଡ୍‌କୋକୁ ହସ୍ତାନ୍ତର ଲାଗି ଏରସମା ତହସିଲଦାର ୧।୫।୨୩ରେ ନୋଟିସ କରିଥିଲେ। ଏ ନେଇ ଆପତ୍ତି ଥିଲେ ୧୫ଦିନ ମଧ୍ୟରେ ଅଭିଯୋଗ ପତ୍ର ଦାଖଲ କରିବାକୁ ସୂଚନା କୁହାଯାଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଗଡ଼କୁଜଙ୍ଗ ମୌଜାର କୌଣସି ବ୍ୟକ୍ତି ଅଭିଯୋଗ କରି ନ ଥିଲେ। ମାତ୍ର ସୋମବାର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ଅଧିଗ୍ରହଣ ଉପରେ ଆପତ୍ତି ଉଠାଇ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। ଖାନା ନଂ.୬୪୪ କିସମ-ଆବାଦ ଯୋଗ୍ୟ ଓ ଅନାବାଦୀରେ ଥିବା ଏ ୧୫.୭୬ ଡି. ଜମି ଖାତା ନଂ. ୬୪୭ କିସମ (ବସ୍ତି ଯୋଗ୍ୟ) ପାଇଁ ଏ୦.୫୨ଡି. ଜମିର କେତେକାଂଶରୁ ଭୂମିହୀନଙ୍କ ନିମନ୍ତେ ପଟ୍ଟା ଦିଆଯାଇଛି। ଆଉ କିଛି ଜମିରେ ଦୀର୍ଘବର୍ଷ ହେଲା ଲୋକେ ଘର କରି ବସବାସ କରୁଛନ୍ତି। ଏଣୁ ଉକ୍ତ ଜମି ଅଧିଗ୍ରହଣକୁ ସେମାନେ ବିରୋଧ କରିଛନ୍ତି। ଜିଲାପାଳ ଏହାର ସରଜମିନ ତଦନ୍ତ କରି ପଦକ୍ଷେପ ନେବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଗଡ଼କୁଜଙ୍ଗ ସରପଞ୍ଚଙ୍କ ପ୍ରତିନିଧି ଯଦୁନାଥ ଖଟୁଆ ଓ ଗାଁ ମୁରବି ବିଷ୍ଣୁ ଚରଣ ପ୍ରଧାନ କହିଛନ୍ତି। ଉଭୟେ କହିଛନ୍ତି ଉକ୍ତ ଜମି ଜନବସତି ମଧ୍ୟରେ ରହିଛି। ତେଣୁ ଯଦି ଅଧିଗ୍ରହଣ କରାଯାଏ ଗ୍ରାମୀଣ ଜୀବନ ଉପରେ ପ୍ରଭାବ ପକାଇବ। ଏ ସମ୍ପର୍କରେ ତହସିଲଦାର ସନ୍ଧ୍ୟାଞ୍ଜଳି ମାଝିଙ୍କୁ ପଚାରିବାରେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି ଅଭିଯୋଗ ପତ୍ର ଦାଖଲ କରିନାହାନ୍ତି। ଯଦି କେହି ଭୂମିହୀନ ପଟ୍ଟା ପାଇଥାନ୍ତି ଓ ଅନ୍ୟ କେଉଁ କାରଣ ଦର୍ଶାଇ ଅଭିଯୋଗ ଦିଅନ୍ତି ତାହା ବିଚାରକୁ ନିଆଯିବ। ଅନ୍ୟପକ୍ଷେ ତଦନ୍ତ କରି ପୁଣି ଶୁଣାଣି ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଅଭିଯୋଗ ଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟ ତପନ ସାମଲ, ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର ବେହେରା ଓ ପୂର୍ବତନ ସରପଞ୍ଚ ସମ୍ପଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ନଳିତାପାଟିଆ-ତାଳଚୁଆ ରାସ୍ତା କାମ ତ୍ୱରାନ୍ୱିତ ହେବ

ରାଜନଗର,୩୦।୫(ଡି.ଏନ୍.ଏ.)



ଜିଲାପାଳ ଅମୃତ ଋତୁରାଜ ରାସ୍ତା କାମ ପାଇଁ ନକ୍ସାକୁ ଦେଖୁଛନ୍ତି।

ରାଜନଗର ବ୍ଲକର ୯ଟି ପଞ୍ଚାୟତବାସୀଙ୍କ ମୁଖ୍ୟ ଗମନାଗମନ ରାସ୍ତା ନଳିତାପାଟିଆ- ତାଳଚୁଆ ଓ ଡାଲଖାଇ-ଡାଙ୍ଗମାଳ ରାସ୍ତା କାମ ତ୍ୱରାନ୍ୱିତ କରିବାକୁ କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ ପୂର୍ତ୍ତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଏହି ୨ଟି ରାସ୍ତା ଜିଲାପାଳ ବୁଲି ଦେଖିଥିଲେ। ବର୍ଷାଦିନ ପୂର୍ବରୁ ନଳିତାପାଟିଆ-ତାଳଚୁଆ ରାସ୍ତାକାମ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଡାଲଖାଇ-ଡାଙ୍ଗମାଳ ରାସ୍ତା କାମ ତ୍ୱରାନ୍ୱିତ ସହ ଲୋକଙ୍କ ଯିବା ଆସିବାରେ ଯେପରି ଅସୁବିଧା ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ନଟବର ପ୍ରଧାନ ଓ ସହକାରୀ ଯନ୍ତ୍ରୀ ଦେବାଶିଷ ସାମଲଙ୍କୁ କହିଥିଲେ। ପରେ ଭିତରକନିକାକୁ ବୁଲି ଆସୁଥିବା ପର୍ଯ୍ୟଟକମାନେ ଯେପରି ଗୁପ୍ତିରୁ ପେଣ୍ଠ ବେଳାଭୂମି ଯାଏ ଜଙ୍ଗଲ ଓ ସମୁଦ୍ର କୂଳେ କୂଳେ ଯିବେ, ସେ ନେଇ ରାସ୍ତା କାମ ଅନୁଧ୍ୟାନ କରିଥିଲେ। ଗୋପାଳପୁରରୁ ପେଣ୍ଠ ଯାଏ ଚାଲିଥିବା ରାସ୍ତା କାମ ଦେଖିବା ସହ ତଟବନ୍ଧ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୁବ୍ରତ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଞ୍ଜନ କୁମାର ବେହେରା, ସହକାରୀ ଯନ୍ତ୍ରୀ ଭଞ୍ଜ ପ୍ରସାଦ ରାଉତ, ରବୀନ୍ଦ୍ର ସାମଲ, ଜୟଚନ୍ଦ୍ର ଜେନାଙ୍କ ସହିତ ଜିଲାପାଳ ଆଲୋଚନା କରିଥିଲେ। ଜିଲାପାଳଙ୍କ ସହ ପିଡି ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲାପାଳ ନିରଞ୍ଜନ ବେହେରା, ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ବିଡିଓ ସମୀର କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଜିଲାପାଳ ସାତଭାୟାବାସୀଙ୍କ ଥଇଥାନସ୍ଥଳ ବଗପାଟିଆରେ ପହଞ୍ଚ ରାସ୍ତା, କେନାଲ ଓ ଅନ୍ୟ ଭିତ୍ତିଭୂମି କିପରି ସୁଦୃଢ଼ ହେବ, ସେ ନେଇ ଅନୁଧ୍ୟାନ କରିଥିଲେ।

# ୧୬ ପଞ୍ଚାୟତର ଚାଷୀ ପାଇବେ ଫସଲ ବୀମା ଅର୍ଥ

ରାଜନଗର, ୩୦।୫(ଡି.ଏନ୍.ଏ.)

ଜୱାଦ ବାତ୍ୟାର ଦେଢ଼ବର୍ଷ ପରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଅର୍ଥ ମିଳିବ। ରାଜ୍ୟ ସରକାର ଓ ବୀମା କମ୍ପାନୀ ପକ୍ଷରୁ ପୃଥକ୍ ଭାବେ କ୍ରପ୍ କଟିଂ ସର୍ଭେ କରାଯାଇ ରିପୋର୍ଟ ଦିଆଯାଇଥିଲା। ରାଜନଗର ବ୍ଲକରେ ରାଜସ୍ୱ ବିଭାଗ, କୃଷି ବିଭାଗ ଓ ଉଦ୍ୟାନ କୃଷି ବିଭାଗର ମିଳିତ ସର୍ଭେ ରିପୋର୍ଟରେ ଏହି ବ୍ଲକରେ ୧୩,୭୮୧ ହେକ୍ଟର ଚାଷ ଜମିରେ ଖରିଫ ଧାନ ଫସଲ ନଷ୍ଟ ହୋଇଥିବା ରିପୋର୍ଟ ଦିଆଗଲା। ବର୍ଷେ ତଳୁ ରାଜ୍ୟ ସରକାର କ୍ଷତିଗ୍ରସ୍ତ ଚାଷୀଙ୍କୁ ଇନ୍‌ପୁଟ ସହାୟତା ବାବଦକୁ ୯ କୋଟି ୩୭ ଲକ୍ଷ ୪ ହଜାର ଟଙ୍କା ପ୍ରଦାନ କରିସାରିଛନ୍ତି। ବ୍ଲକର ୨୯ଟି ପଞ୍ଚାୟତରେ ୩୩ରୁ ୫୦ ପ୍ରତିଶତ ମଧ୍ୟରେ କ୍ଷତି ହୋଇଥିବା ସର୍ଭେ ରିପୋର୍ଟରେ ଦର୍ଶାଯାଇଥିଲା। ସରକାରୀ ଇନ୍‌ପୁଟ ସହାୟତା ମିଳି ସାରିଥିବା ବେଳେ ଏଯାଏ ଫସଲ ବୀମା ଅର୍ଥ ମିଳି ନ ଥିଲା, ଯାହାକୁ ନେଇ ରାଜନଗର ବ୍ଲକର ଚାଷୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏବେ ରାଜନଗର ବ୍ଲକର ବିଭିନ୍ନ ବ୍ୟାଙ୍କକୁ ଏହି ବୀମା ସହାୟତା ରାଶି ବାବଦକୁ ୯ କୋଟି ଆସିଥିବା ବେଳେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କକୁ ୫ କୋଟି ୩୨ ଲକ୍ଷ ୮୧ ହଜାର ୭୪୧ ଟଙ୍କା ଆସିଛି।

ମିଳିଥିବା ସୂଚନା ମୁତାବକ, ରାଜନଗର ବ୍ଲକର ବେଲପାଳ, ବ୍ରାହ୍ମଣସାହି, ଚାନ୍ଦବାଉଁଶମୂଳ, ଡାଙ୍ଗମାଳ, ଡେରା, ଗୁପ୍ତି, ହାତିନା, ଈଶ୍ୱରପୁର, କେରୁଆଁପାଳ, କୃଷ୍ଣନଗର, କୁରୁଣ୍ଟି, ମହିଁଷାସୁର, ମହୁଲିଆ, ରାଜନଗର, ରାଜପୁର, ତାଳଚୁଆ ପ୍ରଭୃତି ୧୬ଟି ପଞ୍ଚାୟତର ଚାଷୀ ଏହି ପ୍ରଧାନମନ୍ତ୍ରୀ ଫସଲ ବୀମା ସହାୟତା ରାଶି ପାଇବେ। ୨୪ ତାରିଖରେ ଏହି ବୀମା ସହାୟତା ଅର୍ଥ ଆସିଛି। ବ୍ଲକର ସମସ୍ତ ପ୍ରାଥମିକ କୃଷି ସେବା ସମବାୟ ସମିତିକୁ ଚିଠି କରାଯାଇଛି। ଋଣ ନେଇଥିବା ଚାଷୀମାନଙ୍କର ସେଭିଙ୍ଗ୍ ଆକାଉଣ୍ଟ ନମ୍ବର ସହ ଚାଷୀ ନେଇଥିବା ଋଣ ଅର୍ଥ ପରିଶୋଧ କରିଛନ୍ତି ନା ଡିଫଲ୍‌ଟର ଅଛନ୍ତି, ସେ ନେଇ ରିପୋର୍ଟ ମଗାଯାଇଛି। ୧୦ଦିନ ଭିତରେ ଏହି ପ୍ରଧାନମନ୍ତ୍ରୀ ଫସଲ ବୀମା ସହାୟତା ରାଶି ଚାଷୀମାନଙ୍କ ଆକାଉଣ୍ଟକୁ ଯିବ ବୋଲି କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ବିଶ୍ୱ ପ୍ରକାଶ ସାମଲ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜନଗର ବ୍ଲକର ଚାଷୀମାନେ କେବଳ ଖରିଫ ଧାନ ଚାଷ କରି ଗୁଜୁରାଣ ମେଣ୍ଟାଇଥାନ୍ତି। ୨୦୨୧ରେ ବାତ୍ୟା ଜୱାଦରେ ରାଜନଗର ଅଞ୍ଚଳରେ ବ୍ୟାପକ ଖରିଫ ଧାନ ଫସଲ କ୍ଷତି ହୋଇଥିଲା। ପ୍ରଧାନମନ୍ତ୍ରୀ ଫସଲ ବୀମା କରିଥିବା ଏଚଡିଏଫ୍‌ସି ଏଗ୍ରୋ ବୀମା କମ୍ପାନୀ ପକ୍ଷରୁ ରାଜନଗର ଅଞ୍ଚଳରେ କ୍ରପ୍ କଟିଂ ସର୍ଭେ କରାଯାଇ ସର୍ଭେ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ନିୟମ ମୁତାବକ ବୀମା କମ୍ପାନୀର କର୍ମଚାରୀଙ୍କ ସହ ପରିସଂଖ୍ୟାନ ବିଭାଗର କର୍ମଚାରୀ, କୃଷି ବିଭାଗ ଓ ରାଜସ୍ୱ ନିରୀକ୍ଷକମାନେ ମିଳିତ ଭାବେ କ୍ରପ କଟିଂ କରିଥିଲେ। କେବଳ ବୀମା କମ୍ପାନୀର କର୍ମଚାରୀମାନେ ଯାଇ କ୍ରପ କଟିଂ କରିଥିଲେ। ରାଜନଗର ବ୍ଲକରେ ୧୪ଟି ପ୍ରାଥମିକ କୃଷି ସେବା ସମବାୟ ସମିତି ପକ୍ଷରୁ ୧୦,୫୬୧ ଚାଷୀଙ୍କୁ ୩୭ କୋଟି ୨୧ ଲକ୍ଷ ୯୬ ହଜାର ୫୦୨ ଟଙ୍କା ୨୦୨୧ ଖରିଫ ଋତୁରେ ଋଣ ପ୍ରଦାନ କରାଯାଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା କରୁଥିବା ଏଚଡିଏଫ୍‌ସି ଏଗ୍ରୋ ବୀମା କମ୍ପାନୀ ଋଣ ଅର୍ଥର ୨ ପ୍ରତିଶତ ଅର୍ଥାତ୍ ୭୪ ଲକ୍ଷ ୪୩ ହଜାର ୯୩୦ ଟଙ୍କା ବୀମା ଅର୍ଥ ବାବଦକୁ ନେଇଥିଲା। ଫସଲ ନଷ୍ଟ ହେବାର ଦୀର୍ଘ ଦେଢ଼ବର୍ଷ ପରେ ଏପରି କି ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବା ପରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଅର୍ଥ ମିଳିଛି। ସବୁଠୁ ବଡ଼କଥା ହେଲା ବୀମା କମ୍ପାନୀ କାହିଁକି ଦେଢ଼ବର୍ଷ ଧରି ଏହି ଅର୍ଥ ଦେବାକୁ ଟାଳଟୁଳ ନୀତି ଗ୍ରହଣ କରୁଥିଲା ତାହାକୁ ନେଇ ପ୍ରଶ୍ନ ଉଠିଛି।

## ଡ୍ୟାମରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

କ.ନୂଆଗାଁ(ଡି.ଏନ୍.ଏ.) –କନ୍ଧମାଳ ଜିଲା ସାରଙ୍ଗ ଗଡ ଥାନା ଅନ୍ତର୍ଗତ ବନାଙ୍ଗିଆ ଡ୍ୟାମରେ ବୁଡ଼ି ମଙ୍ଗଳବାର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୁଟିଙ୍ଗିଆ ପଞ୍ଚାୟତ କଟିମାହା ଗ୍ରାମର ସୁଜିତ କୁମାର ଦିଗାଲଙ୍କ ପୁଅ ସତ୍ୟଜିତ (୧୪)। ସତ୍ୟଜିତ ଦିଗାଲ ବନାଙ୍ଗିଆ ସ୍ଥିତ ନିଜ ମାମୁଁ ଘରକୁ ବୁଲିବାକୁ ଆସିଥିଲେ। ସକାଳେ ଗାଁ ପିଲାଙ୍କ ସହ ନିକଟସ୍ଥ ଡ୍ୟାମକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ସତ୍ୟଜିତ ଅସାବଧାନତା କାରଣରୁ ବୁଡ଼ି ଯାଇଥିଲା। ସାରଙ୍ଗ ଗଡ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ଛାତ୍ରକୁ ଉଦ୍ଧାର କରି ସାରଙ୍ଗ ଗଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ନଂ. ୨/୨୩ ମାମଲା ରୁଜୁ କରିଛି।

## ସଂକ୍ଷେପରେ

### ବଜ୍ରପାତରେ ଜଣେ ମୃତ, ୨ ଆହତ

ବୁଗୁଡା,୩୦।୫(ଡି.ଏନ.ଏ.)-ବୁଗୁଡ଼ା ଥାନା ଅନ୍ତର୍ଗତ ମାଣିତରା ପଞ୍ଚାୟତର ତାମ୍ପିରି ଓ ମକରାପଲ୍ଲୀ ଗ୍ରାମରେ ବଜ୍ରପାତ ଯୋଗୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ବେଳେ ୨ ଜଣ ଆହତ ହୋଇଛନ୍ତି। ମୃତା ମହିଳା ଜଣକ ତାମ୍ପିରି ଗ୍ରାମର ମନି ପ୍ରଧାନ (୫୫) ଏବଂ ଆହତ ଦୁଇ ଜଣ ମକରାପଲ୍ଲୀ ଗ୍ରାମର କାହ୍ନୁ ଆଲଟିଆ ଓ ତାମ୍ପିରି ଗ୍ରାମର ସଜନୀ ସାମଲ। ମଙ୍ଗଳବାର ଅପରାହ୍ନରେ ମନି ଓ ସଜନୀ ଆମ୍ବ ଗୋଟାଇବାକୁ ଏକ ତୋଟାକୁ ଯାଇଥିବା ବେଳେ ସେଠାରେ ବଜ୍ରପାତ ହୋଇଥିଲା। ଆହତ ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରାଯାଇ ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା। ମେଡିକାଲରେ ମନିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ଏବଂ ଆହତ ସଜନୀଙ୍କ ଚିକିତ୍ସା ଚାଲୁ ରଖିଥିଲେ। ସେହିପରି ମକରାପଲ୍ଲୀର କାହ୍ନୁ ମୋବାଇଲ ଦେଖୁଥିବା ବେଳେ ବଜ୍ରଘାତର ଶିକାର ହୋଇଥିଲେ। ତାଙ୍କୁ ଆହତ ଅବସ୍ଥାରେ ଜଗନ୍ନାଥପ୍ରସାଦ ମେଡିକାଲକୁ ନିଆଯାଇଥିବା ଜଣାଯାଇଛି।

### ବନ୍ଧୁକ ଦେଖାଇ ଦୋକାନରୁ ଲୁଟ୍

ପାରଳାଖେମୁଣ୍ଡିଙ୍, ୩୦।୫ (ଡି.ଏନ୍.ଏ): ଗଜପତି ଜିଲା ମୋହନା ଥାନା ମେରାପଲୀ ଛକରେ ଥିବା ଏକ ଦୋକାନରୁ ସୋମବାର ବିଳମ୍ବିତ ରାତିରେ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ନିରଞ୍ଜନ ସାହୁ ଓ ବାସୁଦେବ ସାହୁଙ୍କ ଦୋକାନକୁ ୬ଜଣ ଦୁର୍ବୃତ୍ତ ରାତି ପ୍ରାୟ ସାଢେ ୩ଟାରେ ଆସି ଦୋକାନ କବାଟ ଖୋଲିବାକୁ କହି କିଛି ଜିନିଷ ମାଗିଥିଲେ। ଏହାପରେ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ନିରଞ୍ଜନଙ୍କ ଠାରୁ ମୋବାଇଲ ଲୁଟି ନେଇଥିଲେ। ପରେ ବାସୁଦେବଙ୍କ ଦୋକାନରୁ କିଛି ଟଙ୍କା ଲୁଟି ନେବା ସହ ତାଙ୍କ ପତ୍ନୀ ପିନ୍ଧିଥିବା ସୁନା ଚେନ ଓ ରୁପା ପାଉଁଜି ଲୁଟି ନେଇଥିଲେ। ବାସୁଦେବ ଦିବ୍ୟାଙ୍ଗ ହୋଇଥିବା କହି ନେହୁରା ହୋଇଥିଲେ ମଧ ତାଙ୍କୁ ଛାଡିନଥିଲେ ଲୁଟେରା। ଏ ସମ୍ପର୍କରେ ମୋହନା ଥାନାରେ ଅଭିଯୋଗ କରିଛନ୍ତି ଲୁଟ୍‌ର ଶିକାର ହୋଇଥିବା ବ୍ୟକ୍ତି। ପୋଲିସ ନଂ ୭୮/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ମୋହନା ଥାନା ଅଧିକାରୀ ବସନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି।

### ଗୁଣ୍ଡୁରା ଠାକୁରାଣୀ ଯାତ୍ରା ଉଦ୍‌ଯାପିତ



ପାତ୍ରପୁର, ୩୦।୫(ଡି.ଏନ.ଏ.)- ପାତ୍ରପୁର ବ୍ଲକ ଅନ୍ତର୍ଗତ ଗୁଣ୍ଡୁରାଠାରେ ଗତ ୨୬ ତାରିଖଠାରୁ ଆରମ୍ଭ ହୋଇଥିବା ଠାକୁରାଣୀ ଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟେକ ରାତିରେ ମା'ଙ୍କ ଘଟ ପରିକ୍ରମା ସମୟରେ ବିଭିନ୍ନ ବାଦ୍ୟ, ପଟୁଆର ଓ କାଳିକା ନୃତ୍ୟରେ ଦର୍ଶକଙ୍କ ମନ ମୋହୁଥିବା ବେଳେ ଆନ୍ଧ୍ର ପ୍ରଦେଶର ବନ ଦୁର୍ଗା, ଦାଣ୍ଡିଆ, ଗଞ୍ଜାମର ଘଣ୍ଟ ବାଦ୍ୟ ଆକର୍ଷଣୀୟ ହୋଇଥିଲା। ମନୋରଞ୍ଜନ କାର୍ଯ୍ୟକ୍ରମରେ ଭରତ ଲୀଳା, ଭୂତକେଳି, ଭଜନ ସମାରୋହ, ବରକଥା, ରେକର୍ଡ ଡାନ୍ସ, ମହାଭାରତ ଓ ପ୍ରହ୍ଲାଦ ନାଟକ ମଞ୍ଚସ୍ଥ ହୋଇଥିଲା। ଏହି ଯାତ୍ରାକୁ ଗ୍ରାମବାସୀ, ଯାତ୍ରା କମିଟି ଓ ଯୁବ ଗୋଷ୍ଠୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଗଞ୍ଜାମ ଜିଲାରେ ଅଙ୍ଗନୱାଡି କେନ୍ଦ୍ର କାମଚଳା

■୫୪୨ କେନ୍ଦ୍ରର ନିର୍ମାଣ ଆରମ୍ଭ ହୋଇନି

■ଖାଲି ପଡିଛି କର୍ମୀ,ସହାୟକ ପଦବୀ

ଛତ୍ରପୁର,୩୦।୫(ଡି.ଏନ.ଏ)

ଗଞ୍ଜାମ ଜିଲାରେ ଥିବା ଅଙ୍ଗନୱାଡି କେନ୍ଦ୍ର ଗୁଡିକରେ ଆନୁଷଙ୍ଗିକ ସୁବିଧା ନ ଥିବାବେଳେ କର୍ମୀ ଓ ସହାୟକ ପଦବୀ ମଧ ଖାଲି ରହିଛି। ଏଥିଲାଗି ବହୁ ଅଙ୍ଗନୱାଡି କେନ୍ଦ୍ର କାମଚଳାରେ ଚାଲିଛି। ଅଙ୍ଗନୱାଡି କେନ୍ଦ୍ର ପାଇଁ ନୂତନ କୋଠା ନିର୍ମାଣ କାର୍ଯ୍ୟ ସରୁନଥିବା, କେତେକ ଆରମ୍ଭ ହେଉନଥିବା, ଜମି ଚିହ୍ନଟ ଅଧାପନ୍ତରିଆ ଥିବା ଯୋଗୁଁ ଅସ୍ଥାୟୀ କୋଠାରେ ଅଙ୍ଗନୱାଡି କେନ୍ଦ୍ର ଚାଲିଛି। ଯେଉଁସବୁ ଅଙ୍ଗନୱାଡି କେନ୍ଦ୍ରର ନୂତନ କୋଠା ନିର୍ମାଣ ହୋଇଛି ସେଠାରେ ମଧ ସମସ୍ତ ସୁବିଧା ନାହିଁ। କେଉଁଠି କେନ୍ଦ୍ରର ପାଚେରୀ ନାହିଁ ତ ଆଉ କେଉଁଠି ପାନୀୟ ଜଳ ସୁବିଧା ନାହିଁ। ଏପରିକି ଆଉ କେଉଁଠି ବିଦ୍ୟୁତ ସୁବିଧା ନାହିଁ । ଏଥିସହ କେତେକ ଅଙ୍ଗନୱାଡି କେନ୍ଦ୍ରରେ ରୋଷେଇ ଘର, ବିଦ୍ୟୁତ, ପାଇଖାନା ସୁବିଧା ମଧ ନାହିଁ। ଆହୁରି ଜଣାଯାଇଛି ଯେ, ଜିଲାରେ ପ୍ରସ୍ତାବିତ ଅଙ୍ଗନୱାଡି କେନ୍ଦ୍ର କୋଠା ନିର୍ମାଣ ମଧ୍ୟରୁ ୫୪୨ କେନ୍ଦ୍ରର କୋଠା ନିର୍ମାଣ କାର୍ଯ୍ୟ ଏଯାବତ ଆରମ୍ଭ ହୋଇନି । ଏସମ୍ବନ୍ଧୀୟ ଏକ ଜିଲାସ୍ତରୀୟ ସମୀକ୍ଷା ବୈଠକରୁ ଏହି ସୂଚନା ମିଳିଛି । ବିଭିନ୍ନ କାରଣରୁ ପ୍ରସ୍ତାବିତ ଅଙ୍ଗନୱାଡି କେନ୍ଦ୍ର କୋଠା ନିର୍ମାଣ ଆରମ୍ଭ ହୋଇନଥିବା ଜଣାପଡିଛି । ଜିଲାରେ ୩୪ ଅଙ୍ଗନୱାଡି କର୍ମୀ ଓ ୪୩ ଟି ସହାୟକ ପଦବୀ ଖାଲିପଡିଛି। ଜିଲାର ୬୪୭ ଅଙ୍ଗନୱାଡି କେନ୍ଦ୍ରରେ ପାଇଖାନା ନଥିବା ବେଳେ ୪୩୬ଟି କେନ୍ଦ୍ରରେ ପାନୀୟ ଜଳ ସୁବିଧା ନାହିଁ। ସେହିପରି ଜିଲାର ୨୦୨୨ଟି କେନ୍ଦ୍ରରେ ପାଚେରୀ ନାହିଁ। ଏଥିସହ ୨୦୯୮ଟି କେନ୍ଦ୍ରରେ ବିଦ୍ୟୁତ ସଂଯୋଗ ହୋଇନଥିବାବେଳେ ୧୬୧୧ କେନ୍ଦ୍ରରେ ରୋଷେଇ ଘର ନାହିଁ । ସୂଚନା ଅନୁସାରେ, ଗଞ୍ଜାମ ଜିଲାରେ ଥିବା ୫୧୬୧ ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ଏହାର ନୂତନ ଓ ସ୍ଥାୟୀ କୋଠା ନିର୍ମାଣ ପାଇଁ ସରକାରୀ ମଞ୍ଜୁରୀ ମିଳିଥିଲା। ଏଥିପାଇଁ ସରକାରଙ୍କ ପକ୍ଷରୁ ଅନୁଦାନ ମଧ ବ୍ୟବସ୍ଥା ହୋଇ ମଞ୍ଜୁର ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଏଥିରୁ ୩୫୨୨ଟି ଅଙ୍ଗନୱାଡି କେନ୍ଦ୍ରର କୋଠାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ସୂଚନା ଦିଆଯାଇଛି। ତେବେ ଏଥିରୁ ୩୪୬୬ଟି ନୂତନ କୋଠା ହସ୍ତାନ୍ତର ହୋଇନି । ଏଥିଲାଗି ଉକ୍ତ ନବନିର୍ମିତ କୋଠାରେ ଅଙ୍ଗନୱାଡି କେନ୍ଦ୍ର ସ୍ଥାୟୀ ଭାବେ ଆରମ୍ଭ ହୋଇପାରୁନଥିବା ଜଣାପଡିଛି। ଏଥିସହ ୧୦୭୭ ଟି ଅଙ୍ଗନୱାଡି କେନ୍ଦ୍ର କୋଠା ନିର୍ମାଣ କାର୍ଯ୍ୟ ଚାଲିଛି । ୫୪୨ ଟି ଅଙ୍ଗନୱାଡି କେନ୍ଦ୍ରର ନିର୍ମାଣ କାମ ଆରମ୍ଭ ହୋଇନି । ଆହୁରି ଜଣାଯାଇଛି ଯେ, ୧୮୭ ଟି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଏଯାବତ ସ୍ଥାନ ଚିହ୍ନଟ ହୋଇନାହିଁ।



ଭଞ୍ଜନଗର ତହସିଲ ଅନ୍ତର୍ଗତ ବାଦାଙ୍ଗୀ ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ବଜ୍ରପାତ ଘଟି ୧୯ଟି ଗୋରୁଙ୍କ ମୃତ୍ୟୁ ହୋଇଛି।

## ପାରଳା ରାଜଦାଣ୍ଡରେ ଜବରଦଖଲ ଉଚ୍ଛେଦ

ପାରଳାଖେମୁଣ୍ଡି, ୩୦।୫ (ଡି.ଏନ୍.ଏ)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ପୌରପରିଷଦ ପକ୍ଷରୁ ମଙ୍ଗଳବାର ରାଜଦାଣ୍ଡ ଠାରେ ଜବରଦଖଲ ଉଚ୍ଛେଦ କରାଯାଇଛି। ପୌରପରିଷଦ ନିର୍ବାହୀ ଅଧିକାରୀ ବନମାଳୀ ଶତପଥିଙ୍କ ତତ୍ତ୍ୱାବଧାନରେ ପୌରକର୍ମଚାରୀମାନେ ରାଜଦାଣ୍ଡର ଉଭୟ ପାର୍ଶ୍ୱରେ ଥିବା ଜବରଦଖଲ ଉଚ୍ଛେଦ କରିଥିଲେ । ବିଶେଷ କରି ହୋର୍ଡିଂ ବୋର୍ଡ, ରାସ୍ତା ଉପରକୁ ମାଡି ଆସିଥିବା ଅସ୍ଥାୟୀ ଦୋକାନ ଆଦିକୁ ଉଠାଇଥିଲେ। ଜବରଦଖଲକାରୀଙ୍କୁ ଏପରି ପୁନରାବୃତ୍ତି ନ କରିବାକୁ ତାଗିଦ କରିଥିଲେ। ସେହିପରି ରାସ୍ତା ଉପରେ ଗାଡି ପାର୍କିଂ କରୁଥିବା ବ୍ୟକ୍ତିଙ୍କୁ ସତର୍କ କରାଯାଇଛି। ଯଦି ଆଗାମୀ ଦିନରେ ଜବରଦଖଲ କିମ୍ବା ପାର୍କିଂ ପୁନରାବୃତ୍ତି ହୁଏ ତେବେ କାର୍ଯ୍ୟାନୁଷ୍ଠାନ ସହ ଜରିମାନା ଆଦାୟ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଜବରଦଖଲ ଉଚ୍ଛେଦ ବେଳେ ବହୁ ପୌର କର୍ମଚାରୀଙ୍କ ସମେତ ଆଦର୍ଶ ଥାନା ଅଧିକାରୀ ବାବୁଲି ନାୟକ ଓ ପୋଲିସ କର୍ମଚାରୀ ମୁତୟନ ହୋଇଥିଲେ।

# ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ

## କନ୍ଧମାଳ ଗସ୍ତରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ




ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେଇଥିବା କେନ୍ଦ୍ରମନ୍ତ୍ରୀ ଓ ଅନ୍ୟ ଅତିଥିମାନେ।

ରାଇକିଆ/ଜି.ଉଦୟଗିରି, ୩୦।୫(ଡି.ଏନ.ଏ)

କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମଙ୍ଗଳବାର କନ୍ଧମାଳ ଜିଲା ରାଇକିଆ ଗସ୍ତ କରି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଶିଳାନ୍ୟାସ କରିଛନ୍ତି। ପ୍ରଥମେ ରାଇକିଆଠାରେ ପହଞ୍ଚି ଗମାଣ୍ଡିଠାରେ ବିଦ୍ୟାଳୟ ପାଇଁ ନିରୂପଣ ହୋଇଥିବା ସ୍ଥାନରେ ଶିଳାନ୍ୟାସ କରିବା ସହ ସେଠାରେ ଆୟୋଜିତ ସଭାରେ ଯୋଗଦେଇ ଆବାସିକ ବିଦ୍ୟାଳୟ ଖୋଲିଲା ପରେ ଏହା କିପରି ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜନଜାତି ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ସହାୟକ ହେବ ସେ ନେଇ କହିଥିଲେ। ଉପାନ୍ତ ଓ ଦୁର୍ଗମ ଅଞ୍ଚଳର ୪୮୦ ଅନ୍ତେବାସୀଙ୍କ ରହିବା ବ୍ୟବସ୍ଥା ସହିତ ଗୁଣାତ୍ମକ ମଧମ ଓ ଉଚ୍ଚଶିକ୍ଷା ଯୋଗାଇ ଦିଆଯିବା ବ୍ୟବସ୍ଥା ରହିଛି । କାର୍ଯ୍ୟକ୍ରମରେ ଅତିଥି ଭାବେ ଟ୍ରାଇଫେଡ ଉପାଧକ୍ଷ ପବିତ୍ର କହଁର, ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀ, ଜଗନ୍ନାଥ ସାହୁ, ବିଧାୟକ ପ୍ରତିନିଧି ସୁଶିଲ ଦିଗାଲ, ମାଣିକେଶ୍ୱର ସରପଞ୍ଚ, ରାଇକିଆ ବିଡିଓ ଶରତ ପାତ୍ର, ତହସିଲଦାର ଅକ୍ଷୟ ପାଣି ଉଦ୍ଧ ଉପସ୍ଥିତ ଥିଲେ। ଜିଲା ମଙ୍ଗଳ ଅଧିକାରୀ ସୀମାଞ୍ଚଳ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଭାଜପା ଜିଲା ସଭାପତି ଜଗନ୍ନାଥ ସାହୁ, ରାଷ୍ଟ୍ରୀୟ ଜନଜାତି ଉପ-ସଭାପତି ପବିତ୍ର କହଁର, ବ୍ଲକ ଅଧକ୍ଷା ସୁଷମା ପ୍ରଧାନ, ଜିଲା ପରିଷଦ ସଭ୍ୟା ଲିଲିମା ପ୍ରଧାନ, ବିଡିଓ ଆଶିଷ କୁମାର ତ୍ରିପାଠୀ, ତହସିଲଦାର ଶୁଭ୍ରାଞ୍ଜଳି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ୨ ଛେଳି ଚୋରଙ୍କୁ ଛେଚିଲେ ଅଞ୍ଚଳବାସୀ

ଦାରିଙ୍ଗବାଡି,୩୦।୫(ଡି.ଏନ.ଏ )

ଦାରିଙ୍ଗବାଡି ବ୍ଲକ ଅଞ୍ଚଳ ୫୯ ନଂ. ଜାତୀୟ ରାଜପଥର ନିରିକେତା ଘାଟି ଉପରୁ ମଙ୍ଗଳବାର ଏକ ପିକ୍‌ଅପ୍ ଭ୍ୟାନରେ ଛେଳି ଚୋରି କରି ନେଉଥିବା ୨ ଜଣ ଯୁବକଙ୍କୁ ଧରି ଅଞ୍ଚଳବାସୀ ନିସ୍ତୁକ ପିଟି ପୋଲିସ ଜିମା ଦେଇଛନ୍ତି। ଏକ ପିକ୍‌ଅପ୍ (ନଂ.ଓଡି ୦୭ ଏ ଏଲ ୭୫୬୬) ଟି ବାଲିଗୁଡା ପଟୁ ବ୍ରହ୍ମପୁର ଯାଉଥିଲା। ଏହି ସମୟରେ ରାଜପଥର ନିରିକେତା ଘାଟିରେ ଛେଳିଗୁଡିକ ଚରୁଥିବା ବେଳେ ପିକ୍‌ଅପ୍‌ରେ ଥିବା ଡ୍ରାଇଭର ଓ ହେଲ୍‌ପର ଦୁହେଁ ଛେଳି ମୁହଁରେ ସେଲୋଟେପ ଲଗାଇ ଡାଲାରେ ନେଇ ଯାଉଥିଲେ। ଜଙ୍ଗଲରେ କାମ କରୁଥିବା ଲୋକ ଛେଳି ମାଲିକଙ୍କୁ ଜଣାଇଥିଲେ। ଖବର ପାଇ ଡାବୁଲମାହା ଗ୍ରାମର ଛେଳି ମାଲିକ ଅଜିତ ପ୍ରଧାନ ଉକ୍ତ ପିକ୍‌ଅପ୍ ଭ୍ୟାନ ପଛରେ ବାଇକରେ ଗୋଡ଼ାଇଥିଲେ। ଆଗରେ ଥିବା ଗ୍ରାମ ଶ୍ରୀନିକେତାକୁ ସୂଚନା ଦେଇ ଉକ୍ତ ଭ୍ୟାନକୁ ଅଟକାଇବାକୁ କହିଥିଲେ। ଶ୍ରୀନିକେତାବାସୀ ଭ୍ୟାନକୁ ଅଟକାଇ ଛେଳିକୁ ଉଦ୍ଧାର କରିବା ସହ ଦୁଇଜଣଙ୍କୁ ନିର୍ଘୁମ୍ ପିଟିଥିଲେ। ଫଳରେ ସେଠାରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ଲେଖିବା ସୁଦ୍ଧା ପୋଲିସ ପହଞ୍ଚି ଡ୍ରାଇଭର ଓ ହେଲ୍‌ପରଙ୍କୁ ଥାନାକୁ ନେବା ସହ ଭ୍ୟାନ ଓ ଛେଳିକୁ ମଧ ଥାନାକୁ ନେଇଛି।

## ଆମ ପୋଲିସ ସମିତି ବୈଠକ



ଅତିରିକ୍ତ ଥାନା ଅଧିକାରୀ ବିଦ୍ୟାଭାରତୀ ନାୟକ ଉଦ୍‌ବୋଧନ ଦେଉଛନ୍ତି।

ଭଞ୍ଜନଗର,୩୦।୫(ଡି.ଏନ.ଏ)

ଭଞ୍ଜନଗର ଆମ ପୋଲିସ ସମିତିର ୭୫ତମ ବୈଠକ ମଙ୍ଗଳବାର ସ୍ଥାନୀୟ ଭେଜିପୁଟ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ଥାନାର ଅତିରିକ୍ତ ଥାନା ଅଧିକାରିଣୀ ବିଦ୍ୟାଭାରତୀ ନାୟକ ବୈଠକରେ ଅଧକ୍ଷତା କରି ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅବସରପ୍ରାପ୍ତ କଲେଜ ଅଧକ୍ଷ କୃତିବାସ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ନାରୀ ହିଁ ନାରୀର ଶତ୍ରୁ ବୋଲି କହିଥିଲେ। ଏଥିପାଇଁ ଅଧିକରୁ ଅଧିକ ସଚେତନତା ଲୋଡ଼ା ବୋଲି ବିଶ୍ୱାଳ କହିଥିଲେ। ଅନ୍ୟମାନଙ୍କ ମଧରେ ଯାତ୍ରା କମିଟି ସମ୍ପାଦକ ସୁଶାନ୍ତ ମହାପାତ୍ର, ଶିକ୍ଷକ ନେତା ଜଗବନ୍ଧୁ ଜେନା, ସନ୍ତୋଷ ଜେନା, ବିଭୂତି ଭୂଷଣ ଜେନା, ଅବସରପ୍ରାପ୍ତ କଲେଜ ଅଧକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ବିଷ୍ଣୁପ୍ରିୟା ସେନାପତି, ରବି ନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅନୁପମ ବାନାର୍ଜୀ ସଭାକୁ ସଂଯୋଜନା କରିଥିଲେ।

# କଲମ ଛାଡ଼ ଆନ୍ଦୋଳନ ଚେତାବନୀ

## କନିଷ୍ଠ ଯନ୍ତ୍ରୀଙ୍କୁ ଆକ୍ରମଣ ଉଦ୍ୟମ ଘଟଣା, ପାଲଟା ଅଭିଯୋଗ

ଗଞ୍ଜାମ,୩୦।୫(ଡି.ଏନ.ଏ.)

ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଏନଏସି ଇଓଙ୍କ କାର୍ଯ୍ୟାଳୟରେ ପଶି କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ପଣ୍ଡାଙ୍କୁ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଆକ୍ରମଣ ଉଦ୍ୟମ କରିଥିବା ନେଇ ସୋମବାର ଗଞ୍ଜାମ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଯନ୍ତ୍ରୀଙ୍କ ଏତଲା ପରେ ମଙ୍ଗଳବାର ପାଲଟା ଅଭିଯୋଗ ହୋଇଛି। ପୋଲିସ ପୃଥକ ଦୁଇଟି ମାମଲା ରୁଜୁ କରିଥିବା ଆଇଆଇସି ସନ୍ତୋଷ କୁମାର ବେହେରା କହିଛନ୍ତି। ଛତ୍ରପୁର ଏସଡିପିଓ ଗୌତମ କିଷାନଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଥାନା ସେକେଣ୍ଡ ଅଫିସର ଏନଏସି କାର୍ଯ୍ୟାଳୟ ଯାଇ ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ତଦନ୍ତ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କାରାନଯାଏ ତାହା ହେଲେ ଏନଏସିର ସମସ୍ତ କର୍ମଚାରୀ ବୁଧବାର କଲମ ଛାଡ଼ ଆନ୍ଦୋଳନ କରିବେ ବୋଲି ଗଣମାଧମକୁ ସୂଚନା ମିଳିଛି।

## ଯୁବକଙ୍କ ଆତ୍ମହତ୍ୟା

ଆସିକା,୩୦।୫ (ଡି.ଏନ୍.ଏ)

ଆସିକା ଏନଏସି ମସଜିଦ ସମ୍ମୁଖରେ ଋଷିକୂଲ୍ୟା ନଦୀପଠାରୁ ଅଚେତ ଅବସ୍ଥାରେ ସୋମବାର ରାତିରେ ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକ ଜଣକ ପିଣ୍ଟୁ ଆଚାରୀ ଓ ତାଙ୍କ ଘର ଭଞ୍ଜନଗର ତେଲି ସାହିରେ ବୋଲି ଜଣାପଡ଼ିଛି। ପିଣ୍ଟୁ ନିଜ ପରିବାର ସହ ସୋମବାର ସକାଳେ ଆସିକା ନିରଞ୍ଜନ ନଗରସ୍ଥିତ ଶଶୁର ଘରକୁ ଆସିଥିଲେ । ସନ୍ଧ୍ୟାରେ ତାଙ୍କ ପତ୍ନୀଙ୍କୁ କିଛି ଟଙ୍କା ମାଗିଥିଲେ ଓ ତାଙ୍କ ପତ୍ନୀ ନ ଦେବାରୁ ପିଣ୍ଟୁ କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ତାଙ୍କ ପତ୍ନୀ ଆସିକା ପୋଲିସରେ ଅଭିଯୋଗ କରିଛନ୍ତି । ପୋଲିସ ପକ୍ଷରୁ ଏହି ଅଭିଯୋଗକୁ ଭିତ୍ତି କରି ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# ସମସ୍ୟା ଦେଖିଲେ କାର୍ଯ୍ୟନିର୍ବାହୀ ଅଧିକାରୀ



କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପରିଦର୍ଶନ।

ପୋଲସରା,୩୦।୫

ଗଞ୍ଜାମ ଜିଲା ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ୧୯ ଗୋଟି ୱାର୍ଡର ବିଭିନ୍ନ ସାହିରେ ଥିବା ସମସ୍ୟାକୁ ନେଇ ମଙ୍ଗଳବାର ବୁଲି ଦେଖିଛନ୍ତି କାର୍ଯ୍ୟନିର୍ବାହୀ ଅଧିକାରୀ ଶୋଭନ କୁମାର ବେହେରା। ଥାନା ନିକଟରେ ଥିବା ସ୍ମାର୍ଟ ପାର୍କ ଓ ଏମସିସି ଏଣ୍ଡ ଏମଆରଏଫ୍‌ର ଚାରି ପାର୍ଶ୍ୱରେ ବାଉଣ୍ଡେରୀ ଓ ଡ୍ରେନ କାମକୁ ବୁଲି ଦେଖିଛନ୍ତି। ଏହା ସହ ୧୨ ନମ୍ବର ୱାର୍ଡରେ ରହିଥିବା ମାଳି ସାହି ବାଲୁଙ୍କେଶ୍ୱର ମନ୍ଦିର ନିକଟରେ ଥିବା ଡ୍ରେନ ସମସ୍ୟାକୁ ଦେଖିବା ସହ ତୁରନ୍ତ କାମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟନିର୍ବାହୀ ଅଧିକାରୀ ଶୋଭନ କୁମାର ବେହେରା। ଉକ୍ତ ସମୟରେ ବିଜ୍ଞାପିତ ଅଞ୍ଚଳ ପରିଷଦର କନିଷ୍ଠ ଯନ୍ତ୍ରୀ ଏସ ଚିତ୍ରସେନ ରେଡ଼ି, ଅମିନ ଭଗବାନ ପ୍ରଧାନ, ମୁକ୍ତା ଟିମ୍‌ର ସଂଯୋଜକ ଚନ୍ଦନ ପୋଲାଇ ଓ ଚିନ୍ମୟ ଦାସ ଉପସ୍ଥିତ ଥିଲେ।

## ଶେରଗଡ଼-ପୁରୀ ବସ୍ ସେବା ଆରମ୍ଭ କରିବେ ମୁଖ୍ୟମନ୍ତ୍ରୀ



ରାଜ୍ୟ ପରିବହନ ନିଗମର ସାଧାରଣ ପରିଚାଳକ ନୂତନ ବସ୍ ତଦାରଖ କରୁଛନ୍ତି।

ଶେରଗଡ,୩୦।୫(ଡି.ଏନ.ଏ.)

ଶେରଗଡ଼ରୁ ପୁରୀକୁ ବସ୍ ସେବା ଆରମ୍ଭ ହେବ। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନ୍‌ଫେରେନ୍ସିଂ ଜରିଆରେ ଆରମ୍ଭ କରିବେ। ଏଥିପାଇଁ ବ୍ୟାପକ ପ୍ରସ୍ତୁତି ହୋଇଥିବା ବେଳେ ଶେରଗଡରେ ମଧ ବିଭିନ୍ନ ପଞ୍ଚାୟତକୁ ମୋ' ବସ ସେବା ଆରମ୍ଭ ହେବ। ଶେରଗଡର ନିର୍ମାଣାଧୀନ ବସଷ୍ଟାଣ୍ଡ ପାଖରେ ଲୋକ ଓ ମହିଳାମାନଙ୍କ ଗହଣରେ ଶେରଗଡଠାରୁ ପୁରୀକୁ ଭାୟା ଭୁବନେଶ୍ୱର, ପୁରଷୋତ୍ତମପୁର ହିଞ୍ଜିଳି ହୋଇ ଏକ ଶିତ ନିୟନ୍ତ୍ରିତ ରାଜ୍ୟ ପରିବହନ ନିଗମର ଏକ ବସ ସେବାକୁ ଆରମ୍ଭ କରିବେ। ଏହା ପ୍ରତିଦିନ ଯିବା ଆସିବା କରି ଶେରଗଡରେ ରାତ୍ରି ଯାପନ କରିବାର ବ୍ୟବସ୍ଥା ହୋଇଛି। ଏଥି ନିମନ୍ତେ ରାଜ୍ୟ ପରିବହନ ନିଗମର ସାଧାରଣ ପରିଚାଳକ, ଅତିରିକ୍ତ ସଚିବ ବିଶିକେଶନ ଦେଉରୀ ଶେରଗଡରେ ପହଞ୍ଚି କାର୍ଯ୍ୟ ତଦାରଖ କରିଛନ୍ତି। ବସର ସ୍ଥିତି ଅନୁଧ୍ୟାନ କରିବା ସହ ନିର୍ମାଣାଧିନ ବସଷ୍ଟାଣ୍ଡ କାର୍ଯ୍ୟ ଦେଖିଥିଲେ। ବିଭାଗୀୟ ଅଧିକାରୀ ବ୍ରହ୍ମପୁର ସ୍ଥିତ ପରିଚାଳନା ଦାୟିତ୍ୱରେ ଥିବା ପ୍ରଶାନ୍ତ କୁମାର ହୋତାଙ୍କ ସମେତ ବିଡିଓ ଶିବାଶିଶ ବରାଳଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି।

# ଚାଉଳ ଲୁଟ୍ ଘଟଣା, ପିଇଓଙ୍କୁ କାରଣ ଦର୍ଶାଅ ନୋଟିସ

ଫୁଲବାଣୀ ଅଫିସ, ୩୦।୫

ଫିରିଙ୍ଗିଆ ବ୍ଲକ କାଶିନୀପଦର ପଞ୍ଚାୟତରେ ହିତାଧିକାରୀଙ୍କ ଚାଉଳ ଲୁଟ୍ ଘଟଣାରେ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ପିଇଓ ଚାଉଳ ଗୋଦାମର ମୁଖ୍ୟ ହୋଇଥିବାରୁ ତାଙ୍କୁ ଏହି ନୋଟିସ କରାଯାଇଛି। କିନ୍ତୁ ସମ୍ପୃକ୍ତ ପିଇଓ କହୁଛନ୍ତି ଆମର ଚାଉଳ କାଟି ଦିଆଯାଇଛି। ତଦନ୍ତ ରିପୋର୍ଟ ଏବଂ କାରଣ ଦର୍ଶାଅ ନୋଟିସର ଉତ୍ତର ମିଳିଲା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ଦିଲୀପ ପାଣିଗ୍ରାହୀ କୁହନ୍ତି କାଶିନୀପଦର ପଞ୍ଚାୟତରେ ହିତାଧିକାରୀଙ୍କ ଚାଉଳ ଲୁଟ୍ ବିଷୟରେ ଆମେ ତଦନ୍ତ କରିଛୁ । ପ୍ରାଥମିକ ପର୍ଯ୍ୟାୟରେ ଜଣେ ହିତାଧିକାରୀ ଯେତିକି ଚାଉଳ ପାଇବା କଥା ତାହା ପାଇ ନାହାନ୍ତି । ଯୋଗାଣ ସହାୟକ ଏଥିରେ ସମ୍ପୃକ୍ତ ଥିବା ଜଣାଯାଇଛି। କିନ୍ତୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଚାଉଳ ଗୋଦାମର ଟିକ୍‌ନିକ ଖବର ରଖନ୍ତି । ଗୋଦାମ ଚାବି ବି ତାଙ୍କ ପାଖରେ ରୁହେ । ତାଙ୍କ ଜାଣତରେ ଏହା ହୋଇଛି କି ଅଜାଣତରେ ତାହା ଆମେ ତଦନ୍ତ କରୁଛୁ। ପିଇଓଙ୍କୁ ଏ ନେଇ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ସେ ଉତ୍ତର ରଖିଲା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଶାନ୍ତ ବେହେରାଙ୍କୁ ପଚାରିବାରୁ ଖାଲି ଆମ ପଞ୍ଚାୟତ ନୁହେଁ, ଅନେକ ପଞ୍ଚାୟତକୁ ସରକାର କମ୍ ଚାଉଳ ଦେଇଛନ୍ତି। ଆମ ପାଖରେ ପୂର୍ବରୁ କୌଣସି ଷ୍ଟକ ନ ଥିଲା। ଏ ବିଷୟରେ ମୁଁ ବିଡିଓଙ୍କୁ ଜଣାଇଛି। ତଦନ୍ତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ମୋ ଉତ୍ତର ରଖିବି ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ କାଶିନୀପଦର ପଞ୍ଚାୟତକୁ ମିଳିଥିବା ଚାଉଳ ମାର୍ଚ୍ଚ ସୁଦ୍ଧା ୭୨ କୁଇଣ୍ଟାଲ ଷ୍ଟକ ଥିବା ଜଣା ପଡିଥିଲା । ଫଳରେ ସରକାର ପରବର୍ତ୍ତୀ କୋଟାରୁ ୭୨ କୁଇଣ୍ଟାଲ କାଟି ବାକି ପ୍ରଦାନ କରିଥିଲେ । କିନ୍ତୁ ପଞ୍ଚାୟତରେ ଜଣେ ହିତାଧିକାରୀଙ୍କୁ ନିୟମ ଅନୁସାରେ ୫ କେଜି ଚାଉଳ ପରିବର୍ତ୍ତେ ୩ କେଜି ଚାଉଳ ଦିଆଯାଇଥିଲା ; ଯାହାକୁ ନେଇ ପଞ୍ଚାୟତବାସୀଙ୍କ ମଧରେ ଅସନ୍ତୋଷ ଦେଖା ଦେଇଥିଲା। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାମାଜିକ କର୍ମୀ କେଶବ ଦିଗାଲଙ୍କ ସମେତ ଅନ୍ୟମାନେ ଦାବି କରିଥିଲେ।

# ଅଭିଯୋଗ ଶୁଣାଣିରେ ଅବ୍ୟବସ୍ଥା

ରାମଗିରି,୩୦।୫(ଡି.ଏନ.ଏ.)

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଅନଘା ପଞ୍ଚାୟତସ୍ଥିତ ରାଜୀବଗାନ୍ଧୀ ସେବାକେନ୍ଦ୍ରଠାରେ ସୋମବାର ଜନ ଅଭିଯୋଗ ଶୁଣାଣି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏଡିଏମଓ ବୀରେନ୍ଦ୍ର କୁମାର ଦାସ, ଆର. ଉଦୟଗିରି ବିଡିଓ ଲୋରିମନ ଖର୍ସେଲ, ବ୍ଲକ ଅଧକ୍ଷ ଲକ୍ଷ୍ମୀନାରାୟଣ ଶବର, ଅନଘା ସରପଞ୍ଚ ସୁବାସିନୀ ନାୟକ, ସମିତିସଭ୍ୟ ବିଭୁତିଭୂଷଣ କାର୍ଜୀ ପ୍ରମୁଖ ଯୋଗଦେଇଥିଲେ। ମୋଟ ୨୯ ଜଣ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ଅନୁପସ୍ଥିତି ଯୋଗୁଁ କିଛି ଲୋକ ଅଭିଯୋଗ ନ କରି ଫେରି ଯାଇଥିଲେ। ୨୦୧୮ରୁ



ଜନ ଅଭିଯୋଗ ଶୁଣାଣିରେ ଅଧିକାରୀମାନେ।

ଅନଘା ପଞ୍ଚାୟତର ୧୩ ନମ୍ବର ୱାର୍ଡ ଡୁବୁରୁସିଂ, ବାଲିଗୁମା, ବେନୁସାହିର ଜନସଂଖ୍ୟା ୫୬୦ ରୁ ଅଧିକ ଥିଲେ ମଧ ଆଜି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ବାରମ୍ବାର ଦାବି କରୁଥିଲେ ମଧ କାର୍ଯ୍ୟକ୍ଷମ ହେଉନାହିଁ ବୋଲି ୱାର୍ଡ ମେମ୍ବର କୋରା ରଇତ ଅଭିଯୋଗ କରିଛନ୍ତି। ଏହି ଶିବିରକୁ ଦଶ ପନ୍ଦର କିଲୋମିଟର ଦୂରରୁ ଚାଲି ଚାଲି ଆସିଥିବା ଲୋକମାନଙ୍କୁ ପ୍ରଶାସନ ତରଫରୁ କୌଣସି ପ୍ରକାର ସୁବିଧା ଯୋଗାଯାଇ ନଥିବା ଦେଖିବାକୁ ମିଳିଥିଲା। ଶେଷରେ ଖାଇବାକୁ ନପାଇ ଛୋଟ ଛୁଆଙ୍କୁ କାଖରେ ଧରି ଭୋକ ଉପାସରେ ଫେରିଥିଲେ। ଏ ସମ୍ପର୍କରେ ବିଡିଓଙ୍କୁ ପଚାରି ବୁଝିବାରୁ ସେ ସବୁ କାମ କାର୍ଯ୍ୟନିର୍ବାହୀ ଅଧିକାରୀ ବୁଝୁଥିବା କହିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର ମହାପାତ୍ର କହିଛନ୍ତି, ଆର. ଉଦୟଗିରିରୁ ଖାଇବା ବନ୍ଦୋବସ୍ତ କରାଯାଇଥିଲା। ବାଟରେ ଗାଡି ଖରାପ ହେବା ଯୋଗୁଁ ଖାଦ୍ୟ ପହଞ୍ଚି ପାରିଲାନି, ତେଣୁ ବିସ୍କୁଟ ବଣ୍ଟାଯାଇଥିଲା। ରାମଗିରିରେ ସବୁ ପ୍ରକାର ବ୍ୟବସ୍ଥା ଥାଇ କାହା ସ୍ୱାର୍ଥରେ ଦୀର୍ଘ ୨୬ କିଲୋମିଟର ଦୂରରୁ ରନ୍ଧା ଖାଦ୍ୟ ଆଣିବାର ବ୍ୟବସ୍ଥା କରାଯାଇଥିଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ପ୍ରେମିକାଙ୍କୁ ବାହାହେବାକୁ ମନା କରିବାରୁ ଜୀବନ ଗଲା

- ମା'ବାପାଙ୍କୁ ପୋଲିସର ନିର୍ଯାତନା ଦେଖି ଆତ୍ମହତ୍ୟା କଲେ ପୁଅ
- ମୃତଦେହ ଜବତ କରିବାକୁ ଯାଇଥିବାବେଳେ ଥାନା ଆଇଆଇସି ଅଟକ
- ପ୍ରେମିକା ଓ ତାଙ୍କ ମା'ବାପାଙ୍କୁ ଉଠାଇନେଲା ପୋଲିସ


ଗ୍ରାମବାସୀଙ୍କ ସହ ପୋଲିସ ଅଧିକାରୀମାନେ ଆଲୋଚନା କରୁଛନ୍ତି।

**ଦଶରଥପୁର,୩୦ା୫(ଡି.ଏନ୍.ଏ.):** ପ୍ରେମିକାଙ୍କୁ ବାହାହେବାକୁ ମନା କରିବାରୁ ପ୍ରେମିକଙ୍କ ଜୀବନ ଯାଇଛି। ପୋଲିସ ତାଙ୍କ ମା'ବାପାଙ୍କୁ ଥାନାକୁ ନେଇ ନିର୍ଯାତନା ଦେଇଥିବାରୁ ଏହା ଯୁବକଙ୍କୁ ଗଭୀର ଆଘାତ ଦେଇଛି। ତେଣୁ ସେ କୌଣସି ଉପାୟ ନ ପାଇ ସୋମବାର ରାତିରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣା ପରେ ମଙ୍ଗଳବାର ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ମୃତ୍ୟୁ ଖବର ପାଇ ମଙ୍ଗଳପୁର ଥାନା ଆଇଆଇସି ଯାଇଥିବାବେଳେ ଗ୍ରାମବାସୀ ତାଙ୍କୁ ଅଟକ ରଖିଥିଲେ। ବରିଷ୍ଠ ପୋଲିସ ଅଧିକାରୀମାନେ ପହଞ୍ଚିବା ପରେ ମାମଲାର ସମାଧାନ କରାଯାଇଛି।

ଅଭିଯୋଗ ମୁତାବକ, ଦଶରଥପୁର ବ୍ଲକ୍ ତଥା ମଙ୍ଗଳପୁର ଥାନା ଅଧୀନ କୟାଁ ପଞ୍ଚାୟତ ମଲ୍ଲିପୁର ଗ୍ରାମର ଉଗ୍ରସେନ ବାରିକ୍‌ଙ୍କ ପୁଅ ସରୋଜ ବାରିକ୍ (୨୬) ଏହି ଥାନା ଅଧୀନ ନିଜାମପୁର ପଞ୍ଚାୟତ ନଚ୍ଛିଦ୍ରପୁର ଗ୍ରାମର କାର୍ତ୍ତିକ ବିଶ୍ୱାଳଙ୍କ ଝିଅ ମନୀଷା ବିଶ୍ୱାଳ(୨୪)ଙ୍କୁ ଭଲ ପାଉଥିଲେ। ତେବେ ଦୁହିଙ୍କ ମଧ୍ୟରେ କୌଣସି କାରଣକୁ ନେଇ କିଛି ମାସହେବ ଦ୍ୱନ୍ଦ୍ୱ ହୋଇଥିଲା। ଫଳରେ ସରୋଜ ପ୍ରାୟ ୬ ମାସ ହେବ ମନୀଷାଙ୍କ ସହ କଥାବାର୍ତ୍ତା ବନ୍ଦ କରିଦେଇଥିଲେ। ମନୀଷା ନିରାଶ ହୋଇ ୧୦ ଦିନ ତଳେ ସରୋଜଙ୍କ ଘରେ ପହଞ୍ଚି ବିବାହ କରିବାକୁ ଜିଦ୍‌ଧରି ତାଙ୍କ ଘର ଆଗରେ ବସିରହିଥିଲେ। ଏନେଇ ସ୍ଥାନୀୟ କେତେଜଣ ଲୋକ ଘଟଣାର ଆପୋସ ସମାଧାନ ଲାଗି ବାହାରେ ରହି କାମକରୁଥିବା ସରୋଜଙ୍କୁ ଡକାଇ ବୁଝାମଣା କରିବେ ବୋଲି ମନୀଷାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସରୋଜ ୧୫ ଦିନ ତଳୁ ଘରକୁ ଆସିଥିବାବେଳେ ଭଦ୍ରଲୋକମାନେ ସରୋଜ ଏବଂ ମନୀଷାଙ୍କ ମଧ୍ୟରେ ଆପୋସ ସମାଧାନ ଲାଗି ମଙ୍ଗଳପୁର ଥାଲକୁଡିସ୍ଥିତ ବିଷ୍ଣୁ କଲ୍ୟାଣ ମଣ୍ଡପଠାରେ ବସିଥିବାବେଳେ ସେଠାରେ ସରୋଜ ମନୀଷାଙ୍କୁ ବିବାହ କରିବେ ନାହିଁ ବୋଲି ମନାକରିଥିଲେ। ଏହାପରେ ମନୀଷା ୨୭ ତାରିଖରେ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ତାଙ୍କ ଅଭିଯୋଗ ଆଧାରରେ ଥାନା ଆଇଆଇସି ରୀନାରାଣୀ ସାହୁ ସରୋଜଙ୍କ ଘରେ ଚଢ଼ାଉ କରିଥିଲେ। ଏହି ସମୟରେ ସରୋଜ ଅନୁପସ୍ଥିତ ଥିବାରୁ ତାଙ୍କ ମା' ଏବଂ ବାପାଙ୍କୁ ଥାନାକୁ ଆଣି ଜେରା କରିବା ସହିତ ମାଡ଼ମାରି ଯୁବତୀ ସହ ପୁଅକୁ ବିବାହ କରିବାଲାଗି ବାଧ୍ୟ କରିଥିଲେ। ପୋଲିସ ସେମାନଙ୍କୁ ଥାନାରେ ପ୍ରାୟ ୧୪ ଘଣ୍ଟା ଅଟକ ରଖି ନାନାଦି ଧମକ ଚମକ ଦେଇଥିଲା। ଏଥିସହ ବିଭିନ୍ନ ଲୋକଙ୍କ ମାଧ୍ୟମରେ ସରୋଜଙ୍କୁ ଥାନାରେ ଆସି ପହଞ୍ଚିବାକୁ ଚାପ ପକାଇ ଆସୁଥିଲେ। ପର ମୁହୂର୍ତ୍ତରେ ସରୋଜ ଜାଣିବାକୁ ପାଇଲାଯେ ପୋଲିସ ତାଙ୍କ ମା' ଏବଂ ବାପାଙ୍କୁ ଉଠାଇନେଇ ମାଡ଼ ମାରିଛି। ଏଭଳି କଥାରେ ସରୋଜ ମର୍ମାହତହୋଇ ଶେଷରେ ଘରଠାରୁ ୧୦୦ ମିଟର ଦୂରରେଥିବା ଏକ ଓସ୍ତ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିବାକୁ ବାଧ୍ୟହୋଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

ମଙ୍ଗଳବାର ସରୋଜଙ୍କ ମୃତଦେହ ଗଛରେ ଝୁଲୁଥିବା ଦେଖି ଗ୍ରାମବାସୀ ଥାନାକୁ ଖବର ଦେଇଥିଲେ। ଆଇଆଇସି ଘଟଣାସ୍ଥଳକୁ ଯାଇଥିବାବେଳେ ଗ୍ରାମବାସୀଙ୍କ ଆକ୍ରୋଶର ଶିକାରହୋଇ ଅଟକ ରହିଥିଲେ। ଯାଜପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବିଞ୍ଝାରପୁର ଥାନା, ଯାଜପୁର ସଦର ଥାନା, ଯାଜପୁର ଟାଉନ୍‌ଥାନା, ପାଣିକୋଇଲି, ମଙ୍ଗଳପୁର ଏବଂ ଦଶରଥପୁର ଥାନାର ପ୍ରାୟ ୬୦ରୁ ୭୦ କର୍ମଚାରୀ ମଲ୍ଲିପୁର ଗ୍ରାମରେ ପହଞ୍ଚିଥିଲେ। ମୃତଦେହ ଛାଡୁ ନ ଥିବା ଗ୍ରାମବାସୀଙ୍କୁ ଯାଜପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନାରାୟଣ ଚନ୍ଦ୍ର ବାରିକ୍ ଏବଂ ଯାଜପୁର ଏସ୍‌ଡିପିଓ ସନ୍ତୋଷ କୁମାର ଉପାଧ୍ୟାୟ ପହଞ୍ଚି ବୁଝାଶୁଝା କରିଥିଲେ। ଏଥିସହିତ ଆଇଆଇସି ସାହୁଙ୍କ ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ମୃତଦେହ ଛାଡ଼ିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଅପରପକ୍ଷେ ନଚ୍ଛିଦ୍ରପୁର ଗ୍ରାମର କାର୍ତ୍ତିକ ବିଶ୍ୱାଳ ଏବଂ ତାଙ୍କ ସହଧର୍ମିଣୀ ଓ ଝିଅ ମନୀଷାଙ୍କୁ ପୋଲିସ ଥାନାକୁ ନେଇଆସିଥିବା ଦେଖାଯାଇଛି। ଏ ସମ୍ପର୍କରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବାରିକ୍‌ଙ୍କୁ ପଚାରିବାରେ ଘଟଣାର ତଦନ୍ତ କରାଯିବାପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସୂଚନା ଦେଇଛନ୍ତି।

# ଟ୍ରକ୍ ଧକ୍କାରେ ମା, ଶିଶୁକନ୍ୟା ମୃତ

**ବାଲିକୁଦା ୩୦ା୫, (ସ୍ୱ.ପ୍ର.)** ବାଲିକୁଦା ଥାନା ଡିହସାହି- କଟରା ରାସ୍ତାର ଚଷାପଡ଼ା ଛକରେ ମଙ୍ଗଳବାର ଏକ ସ୍କୁଟି ସହ ଟ୍ରକ୍ ଧକ୍କା ଦେଇଛି । ଫଳରେ ମା' ଓ ଶିଶୁକନ୍ୟାର ମୃତ୍ୟୁ ଘଟିଥିବାବେଳେ ଶ୍ୱଶୁର ଓ ନାବାଳକ ପୁଅ ଗୁରୁତର ହୋଇଛନ୍ତି। ମୃତକ ହେଲେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ମୂଳିସିଂହ ଗ୍ରାମର କଲିମା ଖାତୁନ (୨୫) ଓ ୬ ମାସର ଶିଶୁକନ୍ୟା ଅଲିଆ ଖାତୁନ। ଗୁରୁତରମାନେ ହେଲେ ଶ୍ୱଶୁର ମହମ୍ମଦ ମୁକ୍ତାର ଖାତୁନ ଓ କଲିମାଙ୍କ ପୁଅ ଆୟେଶା ଖାତୁନ(୬)। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଅଲିଆଙ୍କ ଦେହ ଖରାପଥିବାରୁ ବୋହୂ କଲିମା ତାଙ୍କୁ ନେଇ ଶ୍ୱଶୁରଙ୍କ ସହ ସ୍କୁଟିରେ ଜଗତ୍‌ସିଂହପୁର ଚିକିତ୍ସାଳୟକୁ ଯାଉଥିଲେ। ସାଙ୍ଗରେ ପୁଅ ଆୟେଶା ମଧ୍ୟ ଥିଲେ। ସେମାନେ କଟରାରୁ ଡିହସାହି ଆଡ଼କୁ ଯାଉଥିବା ବେଳେ ଅପରପଟରୁ ଗୋଟିଏ ଟ୍ରକ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ମା' ଓ ଝିଅଙ୍କ ମୃତ୍ୟୁ ଘଟିଛି। ଗୁରୁତର ଅବସ୍ଥାରେ ମୁକ୍ତାର ଓ ଆୟେଶାଙ୍କୁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ସ୍ଥାନୀୟ ଲୋକ ଉତ୍ତ୍ୟକ୍ତ ହୋଇ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ଦାବିରେ ଚଷାପଡ଼ା ଛକରେ ରାସ୍ତା ଅବରୋଧ କରିଥିଲେ। ଖବରପାଇ ବାଲିକୁଦା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଛି। ଦୁର୍ଘଟଣା ଘଟାଇଥିବା ଟ୍ରକକୁ ପୋଲିସ ଧରିଥିବାବେଳେ ଚାଳକ ଫେରାର ହୋଇଯାଇଛନ୍ତି। ଏନେଇ ଥାନାରେ ମାମଲା (ନଂ. ୨୬୧/୨୩) ରୁଜୁ ହୋଇଛି।

### କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ


ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

# ବିଦ୍ୟୁତ୍ ଆଘାତରେ ଜଣେ ମୃତ

**ଚଣ୍ଡିଖୋଲ,୩୦ା୫(ଡି.ଏନ୍.ଏ.):** ବଡ଼ଚଣା ଥାନା ଅଧୀନ ଅରଖପୁର ପଞ୍ଚାୟତ ଶୁର୍କାଦେଇପୁର ଗ୍ରାମର ଶିବଶଙ୍କର ବେହେରା (୪୩)ଙ୍କ ମଙ୍ଗଳବାର ସକାଳେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ସେ ଗ୍ରାମ ରାସ୍ତା ଦେଇ ଯାଉଥିବାବେଳେ ଏକ ବିଦ୍ୟୁତ୍ ଖୁଣ୍ଟ ସଂସ୍ପର୍ଶରେ ଆସିଥିଲେ। କୌଣସି କାରଣରୁ ବିଦ୍ୟୁତ୍ ଖୁଣ୍ଟଟି ଚାର୍ଜ ହୋଇଯାଇଥିଲା। ଶିବଶଙ୍କର ଖୁଣ୍ଟରେ ଲାଗିଯିବାରୁ ସେ ଜୋରରେ ଛିଟିକି ପଡ଼ିଥିଲେ। ସଙ୍ଗେସଙ୍ଗେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସଂସ୍କୃତ ସ୍ନାତକରେ ସୁଦୀପ୍ତାଙ୍କୁ ସ୍ୱର୍ଣ୍ଣପଦକ

### ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପଢୁଥିଲେ



**ରଘୁନାଥପୁର,୩୦ା୫(ଡି.ଏନ୍.ଏ.)** ରଘୁନାଥପୁରର କାବୁ ଦାସଙ୍କ ଝିଅ ସୁଦୀପ୍ତା ଦାସ ସଂସ୍କୃତ ସ୍ନାତକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ ସୁଦୀପ୍ତାଙ୍କୁ ସ୍ୱର୍ଣ୍ଣପଦକ ସହ ସାର୍ଟିଫିକେଟ ପ୍ରଦାନ କରିଛନ୍ତି। ସୁଦୀପ୍ତା ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟରୁ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପାଠ ପଢୁଥିଲେ। ଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିଲେ ମଧ୍ୟ ସୁଦୀପ୍ତା ନିଜ ଉଦ୍ୟମରେ ସଫଳତା ହାସଲ କରିଛନ୍ତି। ବାପା ସ୍ଥାନୀୟ ନାରାୟଣୀ ଛକ ରାସ୍ତା କଡ଼ରେ ଚପଲ ଦୋକାନ କରି ଝିଅର ପଢ଼ିବା ଖର୍ଚ୍ଚ ବହନ କରିଥିଲେ। ଆଗାମୀ ଦିନରେ ସୁଦୀପ୍ତା ଅଧ୍ୟାପିକା ହେବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ବାପା କାବୁ ପ୍ରକାଶ କରିଛନ୍ତି।


ମାଇନିଂ ବିଭାଗ ପକ୍ଷରୁ ଲୁଣା ନଦୀରେ ବାଲି ଉତ୍ତୋଳନ ପାଇଁ ସର୍ଭେ କରାଯାଉଛି।

# ବାଲିଘାଟ ତହସିଲ ପରିବର୍ତ୍ତେ ମାଇନିଂ ବିଭାଗ ନିୟନ୍ତ୍ରଣକୁ ଯିବ

### ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ବାଲିଘାଟ ପରିଦର୍ଶନ

**ଡେରାବିଶ,୩୦ା୫(ସ୍ୱ.ପ୍ର.)** ଡେରାବିଶ ତହସିଲ ଅନ୍ତର୍ଗତ ଲୁଣାନଦୀରେ ଥିବା ବସୁପୁର, ଅର୍ତ୍ତାମୂଳ, ଗହଗା ବାଲିଘାଟ ତହସିଲ ପରିବର୍ତ୍ତେ ଓଡ଼ିଶା ମାଇନିଂ ବିଭାଗ ଅଧୀନକୁ ଯିବ। ଏ ନେଇ ମଙ୍ଗଳବାର ମାଇନିଂ ବିଭାଗର ଉଚ୍ଚ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ଖୁଣ୍ଟିଆଙ୍କ ନେତୃତ୍ୱରେ ଜିଓ ଏନ୍‌ଭାଇରନ୍‌ମେଣ୍ଟାଲ୍ ସର୍ଭିସେସ୍ ସଂସ୍ଥାର ଅଧିକାରୀଙ୍କ ସମେତ ଅନ୍ୟ ଅଧିକାରୀ ସମ୍ପୃକ୍ତ ଘାଟର ସର୍ବେକ୍ଷଣ ଆରମ୍ଭ କରିଛନ୍ତି। ଏହି ସର୍ବେକ୍ଷଣ ସମୟରେ ତହସିଲଦାର ଅକ୍ଷୟ ପରିଡ଼ା, ଯଅାଁରାବାରିମୂଳ ଆର୍‌ଆଇ, ଦାନପୁର ଆର୍‌ଆଇ, ତହସିଲ ଅମିନ ପ୍ରମୁଖ ଉପସ୍ଥିତ ରହିଥିଲେ। ଏ ବିଷୟରେ ଅତିରିକ୍ତ ତହସିଲଦାର ସୁଜିତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ତହସିଲ ଅଧୀନରେ ଥିବା ବାଲିଘାଟଗୁଡ଼ିକ ମାଇନିଂ ବିଭାଗ ଅଧୀନକୁ ଯିବାକୁ ଥିବାରୁ ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିଛନ୍ତି।

## ମୁମ୍ବାଇରେ ଯୁବକଙ୍କ ମୃତ୍ୟୁ

**ରାଜନଗର, ୩୦ା୫(ଡି.ଏନ୍.ଏ.)** ରାଜନଗର ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗାଁର ବିଚିତ୍ର କୁମାର ରାଉତ (୩୧) ମୁମ୍ବାଇରେ ଦାଦନ ଶ୍ରମିକ ଭାବେ କାମ କରନ୍ତି। ଦୀର୍ଘ ୧୦ ବର୍ଷ ହେଲା ସେ ମୁମ୍ବାଇରେ ରହି କାମ କରୁଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୧ଟା ବେଳେ ରାସ୍ତା କଡରେ ତାଙ୍କର ମୃତଦେହ ପଡ଼ିଥିଲା। ସ୍ଥାନୀୟ ପୋଲିସ ମୃତଦେହ ବ୍ୟବଚ୍ଛେଦ କରିଥିବା ଜଣାପଡ଼ିଛି। କିଛିଦିନ ହେଲା ସେ ଲିଭରଜନିତ ରୋଗରେ ପୀଡିତ ଥିଲେ। ଆଜି ତାଙ୍କର ମୃତ୍ୟୁ ଖବର ପାଇବା ପରେ ପରିବାର ଓ ଗାଁରେ ଶୋକର ଛାୟା ଖେଳିଯାଇଛି। ମୁମ୍ବାଇରେ ତାଙ୍କ ମୃତଦେହ ସଂସ୍କାର ପାଇଁ ପଦକ୍ଷେପ ନିଆଯାଉଥିବା ନେଇ ପରିବାର ଲୋକେ ସୂଚନା ଦେଇଛନ୍ତି।

# ଜାତୀୟ ଉଦ୍ୟାନ ପରିବେଶ ନଷ୍ଟ ହେବ

- ଶିଳ୍ପ ପାଇଁ ଜମି ଅଧିଗ୍ରହଣ ପୂର୍ବରୁ ସ୍ୱତ୍ୱ ଦାବି ପ୍ରସଙ୍ଗ
- ଗ୍ରାମବାସୀ, ପରିବେଶବିତ୍ ବିରୋଧ କରିବେ
- ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକାକୁ ନେଇ ଆଶଙ୍କା

**କେନ୍ଦ୍ରାପଡ଼ା ଅଫିସ, ୩୦ା୫** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକରେ ଶିଳ୍ପ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ସରକାର ଆର୍ସେଲର ମିତ୍ତଲଙ୍କ ପେଲେଟ ପ୍ଲାଣ୍ଟ ସହିତ ଜାପାନର ନିପ୍ପନ ଷ୍ଟିଲକୁ ଯୋଡ଼ି ବୃହତ୍ ଶିଳ୍ପର ଯୋଜନା କରୁଛନ୍ତି। ଏହାବ୍ୟତୀତ ଆଖଡ଼ାଶାଳୀଠାରେ ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର, କେନ୍ଦ୍ର ସରକାରଙ୍କ ଭାରତମାଳା ଯୋଜନାରେ ଜିଲାର ୪୯ କିଲୋମିଟରର ଉପକୂଳ ରାଜପଥ ଆଦି ଯୋଜନା ରହିଛି। ତେବେ ସ୍ଥାନୀୟ ଅଞ୍ଚଳରେ ଶିଳ୍ପ, ବନ୍ଦର, ରାଜପଥକୁ ନେଇ ବିରୋଧ ଆରମ୍ଭ ହୋଇଛି। ଜଙ୍ଗଲ ଜମିରେ ଦୀର୍ଘଦିନ ଧରି ରହିଥିବା ଅଧିବାସୀ ବାସସ୍ଥାନ ହରାଇବା ଆଶଙ୍କାରେ ଜିଲାପାଳଙ୍କୁ ବାସସ୍ଥାନ ଜମିର ସ୍ୱତ୍ୱ ଦାବି କରିଛନ୍ତି। ସେହିପରି ମତ୍ସ୍ୟଜୀବୀ ଓ ପରିବେଶବିତ୍ ମଧ୍ୟ ଜାତୀୟ ଉଦ୍ୟାନ ଭିତରକନିକା, ନଦୀ ଓ ନାଳର ପରିବେଶ ନଷ୍ଟ ହେବା ଭୟରେ ଆନ୍ଦୋଳନ ପାଇଁ ସଜବାଜ ହେଲେଣି। ଶିଳ୍ପ, ବନ୍ଦର, ରାଜପଥ ପାଇଁ ଗହୀରମଥା ତଟାଞ୍ଚଳକୁ ଅଲିଭ୍ ରିଡ୍‌ଲେ ଆସିବେ ନାହିଁ ଆଶଙ୍କା ଥିବା ବେଳେ ତଟକ୍ଷୟ ଆହୁରି ଅଧିକ ହେବ।

ଏ ସମ୍ପର୍କରେ ପରିବେଶବିତ୍ ପ୍ରଭୁପ୍ରସାଦ ମହାପାତ୍ର କହିଛନ୍ତି, ରାଜ୍ୟର ଅନ୍ୟ ଜିଲା ସମେତ କେନ୍ଦ୍ରାପଡ଼ା ଜିଲାର ୪୯ କିଲୋମିଟର ଉପକୂଳ ରାଜପଥରେ ସାମିଲ ହେବ ବୋଲି ସୂଚନା ମିଳିଛି। ଏହି ରାଜପଥ ଜମ୍ବୁ ଜଙ୍ଗଲ, ଗହୀରମଥା ରେଞ୍ଜ ଅଞ୍ଚଳ ଓ ଜାତୀୟ ଉଦ୍ୟାନ ମଧ୍ୟସ୍ଥ ସାତଭାୟା ଦେଇ ଭଦ୍ରକର ଧାମରା ଛୁଇଁବ। ସେହିପରି କେତେଗୋଟି ନଦୀ ଓ ନାଳରେ ପୋଲ ହେବ। ଓଡ଼ିଶା ଉପକୂଳରେ ଥିବା ବନ୍ଦରଗୁଡ଼ିକ ସଂଯୋଗ ସହ ପର୍ଯ୍ୟଟନ ଓ ସାମାଜିକ ବିକାଶ ତଥା ଗମନାଗମନକୁ ସହଜ ହେବ ବୋଲି ପରିକଳ୍ପନା କରାଯାଇଛି। ମାତ୍ର ଏଠାରେ ପ୍ରସ୍ତାବିତ ଶିଳ୍ପ, ରାଜପଥ ଯୋଗୁ ଜାତୀୟ ଉଦ୍ୟାନର ଜୈବ ବିବିଧତା ଓ ପ୍ରାକୃତିକ ପରିବେଶ ନଷ୍ଟ ହେବ। ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ନଷ୍ଟ ହେବ। ଏ ସମ୍ପର୍କରେ ଆଲୋଚନା ଓ ଆବଶ୍ୟକସ୍ଥଳେ ବିରୋଧ ପାଇଁ ବୈଠକ ଡକାଯାଇଛି। ପରିବେଶବିତ୍ ପ୍ରଭାକର ସାମଲ କହିଛନ୍ତି, ୧୯୭୫ ମସିହାରେ ୬୭୨ ବର୍ଗ କିଲୋମିଟର ଅଞ୍ଚଳକୁ ଭିତରକନିକା ଅଭୟାରଣ୍ୟ ଘୋଷଣା କରାଯାଇଥିବା ବେଳେ ୧୯୯୮ରେ ୧୪୫ ବର୍ଗ କିଲୋମିଟର ଅଞ୍ଚଳ ଜାତୀୟ ଉଦ୍ୟାନ ମାନ୍ୟତା ପାଇଛି। ୨୦୦୨ ମସିହାରେ ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ରାମସାର ସାଇଟ ଭାବେ ଭିତରକନିକାକୁ ନିଆଯାଇଛି। ଏହାର ଆର୍ଦ୍ରଭୂମି, ବନ୍ୟଜନ୍ତୁ, ଜୈବ ବିବିଧତା ପ୍ରକୃତିପ୍ରେମୀଙ୍କୁ ସର୍ବଦା ଆକୃଷ୍ଟ କରିଥାଏ। ଏହି ଅଞ୍ଚଳରେ ଉପକୂଳ ରାଜପଥ, ଶିଳ୍ପ, ପେଟ୍ରୋ କେମିକାଲ ପ୍ଲାଣ୍ଟ ଆଦିନିର୍ମାଣ ହେଲେ ପ୍ରକୃତିସହିତ ବନ୍ୟଜନ୍ତୁ, ସାମୁଦ୍ରିକ ପ୍ରାଣୀ, ସମୁଦ୍ର ପ୍ରାଚୀର ଭାବେ କାର୍ଯ୍ୟ କରୁଥିବା ହେନ୍ତାଳ ବଣ ନଷ୍ଟ ହେବ। ପ୍ରକୃତି ବନ୍ଧୁ ପୁରସ୍କାରପ୍ରାପ୍ତ ଅନିରୁଦ୍ଧ ରାଉତ କହିଛନ୍ତି, ରାଜପଥରେ ଗାଡ଼ି ମୋଟର ଯାତାୟାତ ଫଳରେ ଆଲୋକରେ ପ୍ରବାହିତ ହୋଇ ଅଲିଭ୍ ରିଡ୍‌ଲେ ଏଠାକୁ ଆସିବେ ନାହିଁ। ଏପରି ଘଟଣା ପୂର୍ବରୁ ଦେଖିବାକୁ ମିଳିଛି। ପୁରୀ ଜିଲା ବ୍ରହ୍ମଗିରି ରେଞ୍ଜର ବଙ୍ଗୋପସାଗର ଉପକୂଳରେ ଥିବା ମଙ୍ଗଳା ନଈଠାରୁ ହରଚଣ୍ଡୀ ମୁହାଣ ପର୍ଯ୍ୟନ୍ତ ୨୫ କିଲୋମିଟର ତଟାଞ୍ଚଳରେ ଅଲିଭ୍ ରିଡ୍‌ଲେ କଇଁଛ ଅଣ୍ଡାଦାନ କରୁଥିଲେ। ତେବେ ୨୦୧୪ଠାରୁ ଏଠାରେ ଅଲିଭ୍ ରିଡ୍‌ଲେଙ୍କୁ ଆଉ ଦେଖିବାକୁ ମିଳିନାହିଁ। ଓଡ଼ିଶା କୃଷକ ସଭା କେନ୍ଦ୍ରାପଡ଼ା ଜିଲା ସଭାପତି ଗୟାଧର ଧଳ କହିଛନ୍ତି, ଜଙ୍ଗଲ ଜମିରେ ଦୀର୍ଘ ୭୦ ବର୍ଷରୁ ଊର୍ଦ୍ଧ୍ୱ ପ୍ରାୟ ୨୦ ଗ୍ରାମର ଅଧିବାସୀ ରହୁଛନ୍ତି। ଏମାନଙ୍କଠାରୁ ଫର୍ମ କେ'ରେ ଜରିମାନା ନିଆଯାଇ ରସିଦ ପ୍ରଦାନ କରାଯାଉଛି। ଶିଳ୍ପ, ପ୍ଲାଣ୍ଟ, ରାଜପଥ, ଉପକୂଳ ରାଜପଥ ପାଇଁ ସରକାର ଜମି ଅଧିଗ୍ରହଣ କରୁଛନ୍ତି। ଏହିକ୍ରମରେ ସ୍ଥାନୀୟ ଅଧିବାସୀଙ୍କ ଜମି ଅଧିଗ୍ରହଣ ପୂର୍ବରୁ ଜମି ସ୍ୱତ୍ୱ ପ୍ରଦାନ କରାଯାଉ। ଫଳରେ ଅଧିଗ୍ରହଣ ବାବଦ କ୍ଷତିପୂରଣ ମିଳିପାରିବ। ଏ ନେଇ ଜିଲା ପ୍ରଶାସନକୁ ଦାବିପତ୍ର ଦିଆଯାଇଛି। ପ୍ରଶାସନର ଜୋରଜବରଦସ୍ତ ଜବରଦଖଲ ହଟାଇବା ଏକ ବିରାଟ ଆନ୍ଦୋଳନର ରୂପ ନେବ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଶର୍ମିଷ୍ଠା


@ ଦୁଲ୍ଲାନା


@ ଅର୍ଜୁ


@ ହିତୁ


@ ଶତ୍ରୁଘ୍ନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୀଳମାଧବ ସେବାୟତଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

- ଜିଲା ପ୍ରଶାସନର ବୈଠକ ପରେ ବାହାରିଲା ନିର୍ଯାସ
- ମହାସ୍ନାନ ପରେ ନୀଳମାଧବଙ୍କ ଆରମ୍ଭ ହେଲା ନୀତି
- ମନ୍ଦିରରେ ପୁଣି ସେବାୟତଙ୍କୁ ଭେଟିଲେ ଉପଜିଲାପାଳ
- ମନ୍ଦିର ଦାୟିତ୍ୱରୁ ହଟିଲେ ଫାଣ୍ଡି ଅଧିକାରୀ
- ଫାଣ୍ଡି ଅଧିକାରୀଙ୍କୁ ବଦଳି ପାଇଁ ମିଳିଲା ପ୍ରତିଶ୍ରୁତି
- ଧାରଣାରତ ୪ ସେବାୟତ ହୋଇଥିଲେ ଅସୁସ୍ଥ

ନୟାଗଡ଼ ଅଫିସ/ଖଣ୍ଡପଡ଼ା,୩୦।୫ (ସ୍ୱ.ପ୍ର.)




ପ୍ରଶାସନିକ ଅଧିକାରୀ ଓ ସେବାୟତଙ୍କ ମଧ୍ୟରେ ଆଲୋଚନା ପରେ ମଙ୍ଗଳବାର ରାତିରେ ନୀଳମାଧବଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି ।

ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ନୀଳମାଧବ ମନ୍ଦିରରେ ସୋମବାରଠାରୁ ବନ୍ଦ ହୋଇଥିବା ପୂଜାନୀତି ମଙ୍ଗଳବାର ରାତି ୮.୩୫ ରୁ ଆରମ୍ଭ ହୋଇଛି । ନୀଳମାଧବଙ୍କ ମହାସ୍ନାନ ପରେ ପୂଜାନୀତି କରାଯିବା ପରେ ଭକ୍ତମାନେ ଖୁସି ହୋଇଛନ୍ତି । ଜିଲା ପ୍ରଶାସନର ନିଷ୍ପତ୍ତିକୁ ସ୍ୱାଗତ କରି ନୀଳମାଧବଙ୍କ ସେବାୟତମାନେ ମଙ୍ଗଳବାର ଧାରଣା ପ୍ରତ୍ୟାହୃତ କରି ନେଇଛନ୍ତି । ଜିଲା ପ୍ରଶାସନର ପ୍ରତିଶ୍ରୁତି ମୁତାବକ ମନ୍ଦିର ଦାୟିତ୍ୱରୁ କଣ୍ଟିଲୋ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା ହଟିଛନ୍ତି । ତାଙ୍କ ସ୍ଥାନରେ ଅନ୍ୟ ଜଣେ ଅଧିକାରୀ ମନ୍ଦିର ସମ୍ପର୍କରେ ବୁଝିବେ । ଫାଣ୍ଡି ଅଧିକାରୀଙ୍କୁ ୨ମାସ ଭିତରେ କଣ୍ଟିଲୋରୁ ବଦଳି କରିବାକୁ ଜିଲାପାଳ ଓ ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି । ବୈଠକ ଶେଷ ପରେ ଉପଜିଲାପାଳ କଣ୍ଟିଲୋ ନୀଳମାଧବ ମନ୍ଦିରକୁ ଯାଇ ସେବାୟତଙ୍କୁ ଭେଟି ପୂଜାନୀତି ଆରମ୍ଭ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟପକ୍ଷେ ୨ ଦିନ ଧରି ଅଖିଆଅପିଆ ରହି ଧାରଣା ଦେଇଥିବା ସେବାୟତ ସଂଘର ସମ୍ପାଦକ ନୀଳମାଧବ ମିଶ୍ରଙ୍କ ସମେତ ଶ୍ରବଣରାମ ମିଶ୍ର, ମନୋଜ ମିଶ୍ର ପ୍ରମୁଖ ୪ ଜଣ ଅସୁସ୍ଥ ହୋଇ ପଡିଥିଲେ । ଧାରଣା ପ୍ରତ୍ୟାହୃତ ପରେ ସେବାୟତମାନେ ଠାକୁରଙ୍କୁ ପୂଜା କରି ନିଜେ ଖାଦ୍ୟ ଗ୍ରହଣ କରିଛନ୍ତି ।

ସୂଚନା ଅନୁଯାୟୀ, ଗତ ୮ ତାରିଖରେ ଜଣେ ବଙ୍ଗୀୟ ମହିଳା ପରିବାର ସହ ନୀଳମାଧବ ଜୀଉଙ୍କ ଦର୍ଶନରେ ଆସିଥିଲେ । ଦର୍ଶନ ସାରି ଶୌଚାଦି ପାଇଁ ମନ୍ଦିର ଉତ୍ତର ପାର୍ଶ୍ୱ ମହାନଦୀ ନିକଟରେ ଥିବା ଏକ ଗଛ ପାଖକୁ ଯାଇଥିବା ବେଳେ ଜଣେ ଅସାମାଜିକ ଯୁବକ ତାଙ୍କୁ ଅସଦାଚରଣ କରିଥିଲେ । ଘଟଣା ସମ୍ପର୍କରେ ମହିଳା ଭକ୍ତ ପୋଲିସରେ ଅଭିଯୋଗ କରିଥିଲେ । କଣ୍ଟିଲୋ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା ସମ୍ପୃକ୍ତ ମହିଳାଙ୍କୁ ସାଙ୍ଗରେ ନେଇ ମନ୍ଦିରକୁ ଯାଇ ତଦନ୍ତ କରିଥିଲେ ମଧ୍ୟ କୌଣସି ସୁରାକ ପାଇ ନ ଥିଲେ । ଏହି ଘଟଣାରେ ଫାଣ୍ଡି ଅଧିକାରୀ ପୂଜକମାନଙ୍କୁ ବିଭିନ୍ନ ସମୟରେ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ଉଠିଥିଲା । ଏପରି କି ଫାଣ୍ଡି ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ପୂଜକ ସମାଜ ପକ୍ଷରୁ ଜିଲା ପ୍ରଶାସନ ସହ ରାଜ୍ୟ ଦେବୋତ୍ତର କମିଶନରଙ୍କୁ ଲିଖିତ ଭାବେ ଜଣାଇଥିଲେ । ଦାବି ପୂରଣ ନ ହେଲେ ମେ ୨୯ରୁ ଠାକୁରଙ୍କ ପୂଜା ନୀତି ବନ୍ଦ କରିବେ ବୋଲି ଚେତାବନୀ ଦେଇଥିଲେ । ପୂଜକ ସଂଘର ଦାବି ପୂରଣ ନ ହେବାରୁ ସୋମବାର ଠାକୁରଙ୍କ ପୂଜାନୀତି ବନ୍ଦ କରି ମନ୍ଦିର ଭୋଗ ମଣ୍ଡପରେ ପୂଜକମାନେ ଧାରଣାରେ ବସିଥିଲେ । ସୋମବାର ଅତିରିକ୍ତ ଏସ୍‌ପି, ଖଣ୍ଡପଡା ଥାନା ଆଇଆଇସି ଓ ତହସିଲଦାର ଧାରଣାସ୍ଥଳ ଭୋଗମଣ୍ଡପକୁ ଆସି ସେବାୟତମାନଙ୍କ ସହ ଆଲୋଚନା ଓ ବୁଝାସୁଝା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା । ଦାବି ପୂରଣ ନ ହେବାରୁ ମଙ୍ଗଳବାର ମଧ୍ୟ ଠାକୁରଙ୍କର ପୂଜା ନୀତି ବନ୍ଦ ରହିଥିଲା ।

ଉକ୍ତ ଘଟଣାର ସମାଧାନ ପାଇଁ ଜିଲାପାଳ ସେବାୟତ ସଂଘ କର୍ମକର୍ତ୍ତାଙ୍କୁ ଆଲୋଚନାକୁ ଡକାଇଥିଲେ । ମଙ୍ଗଳବାର ଅପରାହ୍ନରେ ଜିଲାପାଳଙ୍କ ମିନି କନଫେରେନ୍ସ ହଲ୍‌ରେ ଏକ ଜରୁରିକାଳୀନ ବୈଠକ ବସିଥିଲା । ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଏସ୍‌ପି ଅଲେଖ ଚନ୍ଦ୍ର ପହି, ଜିଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥୀ ଓ ଉଜ୍ଜ୍ୱଳ ମହାରଣା, ଉପଜିଲାପାଳ ଶକ୍ତିକାନ୍ତ ରାୟ, ଖଣ୍ଡପଡା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ଖଣ୍ଡପଡା ତହସିଲଦାର ଲିପ୍ସା ରାୟ, ଖଣ୍ଡପଡା ଥାନା ଅଧିକାରୀ ରମେଶ କୁମାର ଦେବତା ଓ ସେବାୟତ ସଂଘର ସଭାପତିଙ୍କ ସମେତ ପ୍ରତିନିଧିମଣ୍ଡଳୀ ଯୋଗ ଦେଇଥିଲେ । ବଙ୍ଗୀୟ ମହିଳାଙ୍କ ଅସଦାଚରଣ ଘଟଣାକୁ ନେଇ କଣ୍ଟିଲୋ ଫାଣ୍ଡି ଅଧିକାରୀ ସେବାୟତଙ୍କୁ ଦୁର୍ବ୍ୟବହାର, ଅନ୍ୟ କେତେଜଣଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ପ୍ରମାଣ ଦେଖାଇଥିଲେ । ପ୍ରଶାସନ ଓ ସେବାୟତଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଆଲୋଚନା ହୋଇ ନିର୍ଯାସ ବାହାରିଥିଲା ।

ଏନେଇ ଜିଲାପାଳ ରବୀନ୍ଦ୍ର ନାଥ ସାହୁ କୁହନ୍ତି, ନୀଳମାଧବ ମନ୍ଦିରରେ ସେବାୟତମାନେ ସେମାନଙ୍କ କିଛି ସ୍ଥାନୀୟ ସମସ୍ୟାକୁ ନେଇ ଅସନ୍ତୋଷ ବ୍ୟକ୍ତ କରି ଧାରଣା ଦେଇଥିଲେ । ସେମାନେ ଠାକୁରଙ୍କୁ ଯଦିଓ ପୂଜା କରୁଥିଲେ କିଛି ନୀତିକାନ୍ତି ବନ୍ଦ କରିଥିଲେ । ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ଉପସ୍ଥିତିରେ ସେମାନେ ନିଜର ସମସ୍ୟା ଉପସ୍ଥାପନ କରିଥିଲେ । ତାର ଆଶୁ ସମାଧାନ ହେବା ପରେ ଠାକୁରଙ୍କ ନୀତିକାନ୍ତି କରିବାକୁ ରାଜି ହୋଇ ଫେରିଛନ୍ତି । ସେବାୟତ ସନ୍ତୋଷ ମିଶ୍ର କୁହନ୍ତି, ମଙ୍ଗଳବାର ଜିଲା ପ୍ରଶାସନ ଯେଉଁ ଆଲୋଚନା କଲା ପୂର୍ବରୁ କରିଥିଲେ, ଠାକୁରଙ୍କ ନୀତିକାନ୍ତି ବନ୍ଦ ହୋଇ ନ ଥାନ୍ତା । ଠାକୁରଙ୍କ ପୂଜାନୀତିକୁ ବନ୍ଦ ରଖି ଆମେ ଆନ୍ଦୋଳନ କରି ଖୁସି ନ ଥିଲୁ । ପ୍ରଶାସନକୁ ବାରମ୍ବାର ଜଣାଇବା ପରେ ଆମ ଦାବିକୁ ଅଣଦେଖା ପରେ ବାଧ୍ୟ ହୋଇ ଠାକୁରଙ୍କୁ ଜଣାଇ ଆନ୍ଦୋଳନ କରିବାକୁ ବାଧ୍ୟ ହୋଇଥିଲୁ । ଆମେ ଜିଲା ପ୍ରଶାସନର ଆଲୋଚନାରେ ଖୁସି ଅଛୁ ବୋଲି କହିଛନ୍ତି । ସଭାପତି ସଚ୍ଚିଦାନନ୍ଦ ମିଶ୍ର କୁହନ୍ତି, ଫାଣ୍ଡି ଅଧିକାରୀଙ୍କ ବ୍ୟବହାର ସେବାୟତମାନଙ୍କୁ ବହୁତ ବାଧିଥିଲା । ଆମର ଇଚ୍ଛା ନ ଥିଲେ ମଧ୍ୟ ଠାକୁରଙ୍କୁ ଉପବାସ ରଖି ଆନ୍ଦୋଳନ କରିଥିଲୁ । ନିଜେ ମଧ୍ୟ ଉପବାସ ରହି ଅସୁସ୍ଥ ହୋଇ ପଡିଛୁ । ଆମର ଦାବି ଯଦିଓ ସମ୍ପୂର୍ଣ୍ଣ ପୂରଣ ହୋଇନି ତେବେ ଆମେ ଠାକୁରଙ୍କୁ ଉପବାସ ରଖିପାରିବୁନି । ଜିଲା ପ୍ରଶାସନର ନିଷ୍ପତ୍ତିକୁ ମାନି ପୂଜା ନୀତି ଆରମ୍ଭ କରିଛୁ ବୋଲି କହିଛନ୍ତି ।

## ଗାଧୋଇବାକୁ ଯାଇ ନଦୀରେ ବୃଦ୍ଧା ନିଖୋଜ

ନୟାଗଡ଼ ଅଫିସ,୩୦।୫

ନଦୀକୁ ଗାଧୋଇବାକୁ ଯାଇ ଜଣେ ବୃଦ୍ଧା ନିଖୋଜ ହୋଇଛନ୍ତି । ନିଖୋଜ ବୃଦ୍ଧା ହେଲେ ଲକ୍ଷ୍ମୀ ଦାସ (୮୨) । ଘର ନୟାଗଡ଼ ସଦରଥାନା ଖଣ୍ଡୁଗାଁ ଗ୍ରାମରେ । ଗତ ସୋମବାର ପୂର୍ବାହ୍ନରେ ଖଣ୍ଡୁଗାଁ ଗ୍ରାମର ସ୍ୱର୍ଗତ ଭିକାରୀ ଦାସଙ୍କ ସ୍ତ୍ରୀ ଲକ୍ଷ୍ମୀ ବାଡ଼ିପଟେ ଥିବା ଡାହୁକା ନଦୀକୁ ଗାଧୋଇବାକୁ ଆସିଥିଲେ । ଦୀର୍ଘ ସମୟଧରି ଘରକୁ ନ ଫେରିବାରୁ ପରିବାର ପକ୍ଷରୁ ବହୁ ଖୋଜା ଖୋଜି କରି ନିରାଶ ହେବା ପରେ ନୟାଗଡ଼ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ତୁଳସିପୁର-ମାଳିସାହି ରାସ୍ତାର ଖଣ୍ଡୁଗାଁ ନିକଟ ଡାହୁକା ନଦୀର ପୋଲତଳ ଗଣ୍ଡରେ ଅଗ୍ନିଶମ ବାହିନୀ ଦିନତମାମ ଖୋଜା ଖୋଜି କରିଥିଲେ । ହେଲେ ନିଖୋଜ ହେବାର ୨ ଦିନ ବିତି ଯିବାକୁ ବସିଥିବା ବେଳେ ବୃଦ୍ଧାଙ୍କର କୌଣସି ସନ୍ଧାନ ମିଳି ନ ଥିବା ପରିବାର ଲୋକେ କହିଛନ୍ତି ।

## ଗଞ୍ଜେଇ ଚାଲାଣକାରୀ ଜେଲ ଗଲେ

ନୟାଗଡ଼ ଅଫିସ/ରଣପୁର, ୩୦।୫(ସ୍ୱ.ପ୍ର.)

ରଣପୁର ଥାନା ଅବକାରୀ ବିଭାଗର କର୍ମଚାରୀ ମାନେ ଜଣେ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛନ୍ତି । ଜାମିନ ନାମଞ୍ଜୁର ପରେ କନ୍ଧମାଳ ଜିଲା ଦାରିଙ୍ଗିବାଡି ଗାଁର ବିଜୟ କଅଁର(୩୯)ଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି । ବିଜୟ କଅଁର କନ୍ଧମାଳ ଅଞ୍ଚଳରୁ ଏକ ବସରେ ୫ କେଜି ଗଞ୍ଜେଇ ଏକ ବସ୍ତାରେ ଆଣି ସୁନାଖଳାରେ ଓହ୍ଲାଇଥିଲେ । ସୁନାଖଳା ଅଞ୍ଚଳର ଜଣେ ବ୍ୟବସାୟୀଙ୍କୁ ଗଞ୍ଜେଇ ଦେବା ପାଇଁ ଅପେକ୍ଷା କରିଥିବାବେଳେ ଅବକାରୀ ଏସ୍‌ଆଇଙ୍କ ନେତୃତ୍ୱରେ ଆସିଥିବା ଟିମ୍ ଗିରଫ କରିଥିଲା । ଏନେଇ ୪୫/୨୩-୨୪ରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି ।

## ପଥର ବ୍ୟବସାୟୀଙ୍କ ଘରେ ଜିଏସ୍‌ଟି ଚଢ଼ାଉ

ନୟାଗଡ଼ ଅଫିସ/ରଣପୁର,୩୦।୫ (ସ୍ୱ.ପ୍ର.)

ରଣପୁର ତହସିଲ ମୟୂରଖାଲିଆର ଖଣି ବ୍ୟବସାୟୀ ସୁଶାନ୍ତ ବରାଡଙ୍କ ସମେତ ୪ଜଣଙ୍କ ଘରେ ଜିଏସ୍‌ଟି ଚଢ଼ାଉ ହୋଇଥିବା ଜଣାପଡିଛି । ତାଙ୍କ ଘରକୁ କିଛି କାଗଜାତ ଜବତ ହୋଇଛି । ଭୁବନେଶ୍ୱର ଟିମ୍ ଏହି ଚଢ଼ାଉରେ ସାମିଲ ଥିଲେ । ରଣପୁର ତହସିଲରୁ କିଛି କାଗଜାତ ଜିଏସ୍‌ଟି ଟିମ୍ ନେବା ପରେ ଚଢ଼ାଉ କରିଥିଲେ ।

## ସୀତାଚୋରି ରାମଲୀଳା ମଞ୍ଚସ୍ଥ

### ବାପୁଜୀନଗର ରାମଲୀଳାର ୪ର୍ଥ ରଜନୀ



ସୀତାଚୋରି ନାଟକର ଏକ ଦୃଶ୍ୟ ।

ଖଣ୍ଡପଡା,୩୦।୫(ସ୍ୱ.ପ୍ର.)

କଣ୍ଟିଲୋ ବାପୁଜୀ ନଗର କଂସାରୀ ସାହି ପାଟଣା ରଘୁନାଥ ଜୀଉ ରାମଲୀଳା ନାଟ୍ୟ ସମିତି ପକ୍ଷରୁ ଚାଲିଥିବା ରାମଲୀଳାର ସୋମବାର ଥିଲା ୪ର୍ଥ ରଜନୀ ନାଟକ ସୁପର୍ଣ୍ଣଖାର ନାସାକର୍ଣ୍ଣ ଛେଦନ ଓ ସୀତାଚୋରି । ମନ୍ଥରା ଦାସୀଙ୍କ କୁମନ୍ତ୍ରଣାରେ ରାମଚନ୍ଦ୍ର ପିତୃ ସତ୍ୟ ପାଳନ କରି ସୀତା ଓ ଭାଇ ଲକ୍ଷ୍ମଣଙ୍କ ସହ ବନବାସ ଯାଇଥିଲେ । ବନବାସ ସମୟରେ ସ୍ତ୍ରୀ ସୀତା ଓ ଭାଇ ଲକ୍ଷ୍ମଣଙ୍କ ସହ ପତ୍ର କୁଡିଆରେ ରହିଥିବା ବେଳେ ରାବଣର ଭଉଣୀ ସୁପର୍ଣ୍ଣଖା ରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କ ରୁପରେ ମୋହିତ ହୋଇ ସେମାନଙ୍କୁ ବିବାହ କରିବାକୁ ଅଡି ବସି ସୀତାଙ୍କୁ ଆକ୍ରମଣ କରିବାର ପ୍ରୟାସ କରିଥିଲା । ମାତ୍ର ରାମଚନ୍ଦ୍ରଙ୍କ ନିର୍ଦ୍ଦେଶ କ୍ରମେ ଲକ୍ଷ୍ମଣ ମନ୍ଦବୁଦ୍ଧି ସୁପର୍ଣ୍ଣଖାର ନାସାକର୍ଣ୍ଣ ଛେଦନ କରିଥିଲେ । ପରବର୍ତ୍ତୀ ସମୟରେ ଭଉଣୀ ସୁପର୍ଣ୍ଣଖାର ଦୁର୍ଦ୍ଦଶା ଜାଣିବା ପରେ ପର୍ଣ୍ଣ କୁଟୀରରେ ରହୁଥିବା ସୀତାଙ୍କୁ ରାବଣ ହରଣ କରିବାର ଯୋଜନା ସ୍ଥିର କରିଥିଲା । ରାବଣଙ୍କ ନିର୍ଦ୍ଦେଶ କ୍ରମେ ମାରିଚ ମାୟା ସ୍ୱର୍ଣ୍ଣମୃଗ ବେଶ ଧାରଣ କରି ପର୍ଣ୍ଣ କୁଟୀର ସମ୍ମୁଖରେ ସୀତାଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟରେ ବୁଲିଥିଲେ । ସୀତାଙ୍କ ଅନୁରୋଧ କ୍ରମେ ସୁନା ହରିଣକୁ ଧରିବା ପାଇଁ ରାମଚନ୍ଦ୍ର ଜଙ୍ଗଲ ମଧ୍ୟକୁ ଚାଲିଯିବା ଓ ପରେ ମାୟା ହରିଣର ତ୍ରାହି ଲକ୍ଷ୍ମଣ ରକ୍ଷା କର ଶୁଣି ତଥା ସୀତାଙ୍କ କଟୁ କଥା ସହ୍ୟ କରି ନ ପାରି ଲକ୍ଷ୍ମଣ ଭାଇଙ୍କୁ ରକ୍ଷା କରିବା ଲକ୍ଷରେ ଚାଲିଯାଇଥିଲେ । ଯୋଜନାବଦ୍ଧ ଭାବେ ପର୍ଣ୍ଣ କୁଟୀର ନିକଟରେ ଲୁଚି ରହିଥିବା ରାବଣ ଜତି ବେଶ ସାଜି ସୀତାଙ୍କୁ ଭିକ୍ଷା ମାଗିବା ଚକ୍ରାନ୍ତ କରି ତାଙ୍କୁ ଚୋରି କରିନେବା ଦୃଶ୍ୟ ଉପଭୋଗ କରିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । କାଳାକାରମାନେ ବିଭିନ୍ନ ଭୂମିକାରେ ଜୀବନ୍ତ ଅଭିନୟ କରିଥିଲେ ।

## ‘ଧର୍ମକୁ ନେଇ ରାଜନୀତି କରିବା ଦେଶ ପାଇଁ ବିପଦ’

### ସିଟୁର ୫୩ ତମ ପ୍ରତିଷ୍ଠା ଦିବସ ପାଳିତ

ରଣପୁର,୩୦।୫(ସ୍ୱ.ପ୍ର.)



ଆଲୋଚନାଚକ୍ରରେ ଯୋଗଦେଇଥିବା ସିଟୁର ସମର୍ଥକ ।

ଶ୍ରମିକ ସଙ୍ଗଠନ ସିଆଇଟିୟୁର ୫୩ତମ ପ୍ରତିଷ୍ଠା ଦିବସ ରଣପୁର ଶହୀଦ ରଘୁ ଦିବାକର ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ସଙ୍ଗଠନର ରାଜ୍ୟ ସମ୍ପାଦକ ସୁରେଶ ସ୍ୱାଇଁ ଲାଲଝଣ୍ଡାକୁ ଉତ୍ତୋଳନ କରିଥିଲେ । ଉପସ୍ଥିତ ସାଥିମାନେ ଶହୀଦ ବେଦିରେ ମାଲ୍ୟାର୍ପଣ କରିଥିଲେ । ଏହାପରେ ବରିଷ୍ଠ ଶ୍ରମିକନେତା ଭିକାରୀ ଚରଣ ସାହୁଙ୍କ ପୌରୋହିତ୍ୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଦେଶର ସାମ୍ପ୍ରତିକ ପରିସ୍ଥିତିରେ ସମ୍ବିଧାନ ପ୍ରତି ସାମ୍ପ୍ରଦାୟିକବାଦର ପ୍ରଭାବ ଓ ଏହାର ଭବିଷ୍ୟତ’ଶୀର୍ଷକ ଆଲୋଚନା ଚକ୍ରରେ ଏକ ଧର୍ମନିରପେକ୍ଷ ରାଷ୍ଟ୍ରରେ ସାମ୍ପ୍ରଦାୟିକ ହିଂସାକାଣ୍ଡ ଓ ଉତ୍ତେଜନା ତଥା ଧର୍ମାନ୍ତରୀକରଣ ଭଳି ପଦକ୍ଷେପ ଦେଶ ପାଇଁ ଓ ସମ୍ବିଧାନ ପାଇଁ ଶୁଭଙ୍କର ନୁହେଁ । ଗୁଜୁରାଟ ଓ କନ୍ଧମାଳରେ ହିଂସାକାଣ୍ଡ, ଅବୈଜ୍ଞାନିକ ଚିନ୍ତାଧାରାର ପ୍ରସାର ହିଁ ଦେଶର ପ୍ରଗତିର ବିରୋଧୀ । ବିଭିନ୍ନତା ମଧ୍ୟରେ ଏକତାର ଭାରତ ବର୍ଷ ଏକ ରହିବାକୁ ହେଲେ ଆମକୁ ଏକତାର ଚାବି କାଠି ଧର୍ମ ନିରପେକ୍ଷତାକୁ ରକ୍ଷା କରିବାକୁ ପଡିବ । ଧର୍ମକୁ ନେଇ ରାଜନୀତି କରିବା ଦେଶ ପାଇଁ ଘୋର ବିପଦ ଆଣିବ ବୋଲି ବକ୍ତାମାନେ କହିଥିଲେ । ସାମ୍ପ୍ରଦାୟିକ ବିଭେଦ ଦ୍ୱାରା ଦେଶରେ ଅସ୍ଥିର ସୃଷ୍ଟି ହେବା ସହ ଶ୍ରମିକ, କୃଷକ ଓ ମେହନତି ମଣିଷ ଆର୍ଥିକ ଶୋଷଣର ଶିକାର ହେଉଥିବାରୁ ଏହା ବିରୋଧରେ ସମସ୍ତ ଶ୍ରେଣୀ ଐକବଦ୍ଧ ସଂଗ୍ରାମ କରିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ । କେନ୍ଦ୍ରର ମୋଦି ସରକାରଙ୍କ ସାମ୍ପ୍ରଦାୟିକ ଚରିତ୍ରକୁ ବକ୍ତାମାନେ ନାପସନ୍ଦ କରିଥିଲେ । ଏଥିପାଇଁ ସମ୍ବିଧାନ ପ୍ରତି ଆଜି ବିଭିନ୍ନସ୍ତରରେ ଚ୍ୟାଲେଞ୍ଜ ଆସିଛି । ତେଣୁ ସାମ୍ପ୍ରଦାୟିକ ସଦ୍‌ଭାବକୁ ସମୃଦ୍ଧ କରିବା ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବୋଲି ଆଲୋଚକମାନେ କହିଥିଲେ । ଏହି ଆଲୋଚନା ଚକ୍ରରେ ବିଶିଷ୍ଟ ଶିକ୍ଷାବିତ୍ ତଥା ରଣପୁର କଲେଜର ପ୍ରାକ୍ତନ ପ୍ରାଧ୍ୟାପକ ବିଜୟ କୁମାର ଜେନା, ଶ୍ରମିକ ନେତା ସୁରେଶ ସ୍ୱାଇଁ, ହରିଶ୍ଚନ୍ଦ୍ର ମିଶ୍ର ଓ ଦୁଃଶାସନ ଜେନା ପ୍ରମୁଖ ଆଲୋଚନାଚକ୍ରରେ ଅଂଶ ଗ୍ରହଣ କରିଥିଲେ । ସଂଯୁକ୍ତା ସେଠୀ, ସବ୍ୟସାଚୀ ସେନାପତି, ସୁକାନ୍ତି ଜେନା, ପ୍ରଭାତୀ ବେହେରା, ରଞ୍ଜୁ ଲତା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶର୍ମିଷ୍ଠା



@ ଅର୍ଜୁ



@ ହିତୁ



@ ଶତ୍ରୁଘ୍ନ



@ ସୁବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ ।

## ଅସହ୍ୟ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ

ଖଣ୍ଡପଡ଼ା,୩୦।୫(ସ୍ୱ.ପ୍ର.)

ପାହାଡ଼, ଜଙ୍ଗଲ ପରିବେଷ୍ଟିତ ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ଗତ ୧୫ ଦିନ ଧରି ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେଉଛି । ସକାଳ ୭ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଥିବା ବେଳେ ଅପରାହ୍ନରୁ ରାତି୧୧ଟା ପର୍ଯ୍ୟନ୍ତ ଗୁଳୁଗୁଳି ଲାଗି ରହୁଛି । ଦିନ ୧୦ ପରେ ରାସ୍ତାଘାଟ ଶୂନଶାନ ହୋଇଯାଉଛି । କାଳ ବୈଶାଖୀ ପ୍ରଭାବରେ ଗତ ୭ ଦିନ ତଳେ ବର୍ଷା ଓ ପବନ ସାଙ୍ଗକୁ କୁଆପଥର ବୃଷ୍ଟି ହୋଇଥିଲା । ଫଳରେ ଗୋଟିଏ ଦିନ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଥିଲା । ମାତ୍ର ପରବର୍ତ୍ତୀ ସମୟରେ ଗ୍ରୀଷ୍ମର ପ୍ରକୋପ ଅସହ୍ୟ ଯୋଗୁ ଅଞ୍ଚଳବାସୀ ହନ୍ତସନ୍ତ ହେଉଛନ୍ତି । ଏଭଳି ସ୍ଥିତିରେ ବାରମ୍ବାର ବିଦ୍ୟୁତ୍ କାଟ ଜନଜୀବନକୁ ପ୍ରଭାବିତ କରୁଛି । ଖଣ୍ଡପଡ଼ା ସହରର ବିଭିନ୍ନ ସ୍ଥାନରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । ମାତ୍ର ରୌଦ୍ରତାପର ପ୍ରଭାବରେ ପ୍ଲାଷ୍ଟିକ ପାଣି ଟାଙ୍କି ଗୁଡିକରୁ ତତଲା ପାଣି ବାହାରୁଛି । ପଥଚାରୀ ଓ ଜନସାଧାରଣ ଉକ୍ତ ଟାଙ୍କିରୁ ପାଣି ପିଇବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି । ଏଥିପ୍ରତି ବିଭାଗୀୟ ଯନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହେଉଛି । ଖଣ୍ଡପଡା ସହରର ଥାନା ସମ୍ମୁଖରେ ନିର୍ମିତ ପାନୀୟ ଜଳ ପ୍ରକଳ୍ପଟିକୁ ତୁରନ୍ତ କାର୍ଯ୍ୟକ୍ଷମ କରାଗଲେ ଜନସାଧାରଣ ଉପକୃତ ହୋଇ ପାରନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି । ସେହିପରି ଜଳକ୍ଲିଷ୍ଟ ୱାର୍ଡବାସୀଙ୍କୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି । ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷ, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

